## ଝାଡ଼ଙ୍ଗାରେ ଅଗ୍ନିଶମ ବିଭାଗର ମକ୍‌ଡ୍ରିଲ



**ଦଶରଥପୁର,୧୧।୩(ସମିସ):** ଯାଜପୁର ଅଗ୍ନିଶମ ବିଭାଗ ପକ୍ଷରୁ ଦଶରଥପୁର ବ୍ଲକ ଚିଓାଳ ପଞ୍ଚାୟତ ଝାଡ଼ଙ୍ଗା ସ୍ଥିତ ରକ୍ଷାକାଳୀ ମନ୍ଦିର ସମ୍ମୁଖ ପଡିଆରେ ଅଗ୍ନି ନିରାପତ୍ତା ସମ୍ପର୍କିତ ମକ୍‌ଡ୍ରିଲ ଅନୁଷ୍ଠିତ ହୋଇଯାଇଛି। ବିଭାଗର ଅତିରିକ୍ତ ଅଗ୍ନିଶମ ଅଧିକାରୀ ସୁଶାନ୍ତ ସେଠୀ, କାର୍ଯ୍ୟାଳୟ ଉପ-ଅଧିକାରୀ କୌଶିକ କୁମାର ରାଉତଙ୍କ ନେତୃତ୍ୱରେ ବରିଷ୍ଠ ଆଗ୍ନିକ ରମାକାନ୍ତ ବେହେରା, ଅବିନାଶ ଭୂୟାଁ, ସତ୍ୟରାମ ପ୍ରଧାନ, ଦୀପକ ମହାରଣା, ସଂଜୟ ଘଡେଇଙ୍କ ସମେତ ବିଭାଗରେ କାର୍ଯ୍ୟରତ ୧୦ରୁ ଅଧିକ ଅଗ୍ନିସମ ବାହିନୀର ଯବାନମାନେ ଯୋଗଦେଇ ବିଦ୍ୟୁତ ସର୍ଟସର୍କିଟ, ଏଲପିଜି ଓ ବଜ୍ରପାତ ସମେତ ବିଭିନ୍ନ ମାଧ୍ୟମରେ ଘଟୁଥିବା ଆକସ୍ମିକ ଦୁର୍ଘଟଣା ସମୟରେ ନିଜେ ସୁରକ୍ଷିତ ରହିବା ସହିତ ପାଖ ପଡ଼ୋଶୀଙ୍କ ସୁରକ୍ଷାକୁ ନିଶ୍ଚିତ କରିବା ନେଇ ମକଡ୍ରିଲ ପ୍ରସ୍ତୁତ ପୂର୍ବକ ସ୍ଥାନୀୟ ଗ୍ରାମବାସୀମାନଙ୍କୁ ସଚେତନ କରିଥିଲେ। ଯୁବ ସମାଜସେବୀ ମାନସ ରଞ୍ଜନ ସେଠୀଙ୍କ ସଂଚାଳନରେ ଅନୁଷ୍ଠିତ ଉକ୍ତ ମକଡ୍ରିଲ କାର୍ଯ୍ୟକ୍ରମରେ ସ୍ଥାନୀୟ ସମାଜସେବୀ ଶୁଭବ୍ରତ ଶତପଥୀ, ପ୍ରମୋଦ କୁମାର ସାମଲ, ସରୋଜ ସାହୁ, ଶରତ ଚନ୍ଦ୍ର ରାୟ, ବିନୋଦ ସାମଲ, କଳ୍ପନା ସାହୁ, ମଞ୍ଜୁଲତା ନାଥ ପ୍ରମୁଖ ସକ୍ରିୟ ସହଯୋଗ କରିଥିବା ବେଳେ ଶତାଧିକ ଗ୍ରାମବାସୀ ଓ ବିଦ୍ୟାଳୟ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

## ସମାଜସେବୀଙ୍କ ମସ୍ତିଷ୍କାଘାତରେ ପରଲୋକ

**କୁନ୍ଦଲ,୧୧।୩(ସମିସ):** ବାଲିଚନ୍ଦ୍ରପୁର ଥାନା ମାଣ୍ଡୁକା ପଞ୍ଚାୟତ ଭାକୁଡ଼ ଗ୍ରାମର ସମାଜସେବୀ ସୁଧିର ମିଶ୍ର (୭୫)ଙ୍କର ପରଲୋକ ହୋଇଯାଇଛି। ସେ ମଙ୍ଗଳବାର ନିଜ ମୁଣ୍ଡରେ ଯନ୍ତ୍ରଣା ଅନୁଭବ କରିବାରୁ ପରିବାର ଲୋକେ ସଙ୍ଗେ ସଙ୍ଗେ ତାଙ୍କୁ କଟକର ଏକ ଘରୋଇ



ଚିକିତ୍ସାଳୟକୁ ନେଇଯାଇଥିଲେ। ସେଠାରେ ସେ ଚିକିତ୍ସିତ ଅବସ୍ଥାରେ ମୃତ୍ୟୁବରଣ କରିଥିଲେ। ମୃତ୍ୟୁ ଶଯ୍ୟା ନିକଟରେ ତାଙ୍କର ଭାଇ କମଳାକାନ୍ତ ମିଶ୍ରଙ୍କ ସମେତ ପରିବାର ବର୍ଗ ଉପସ୍ଥିତ ଥିଲେ। ବୁଧବାର ସକାଳୁ ତାଙ୍କ ମରଶରୀର ଗ୍ରାମରେ ପହଞ୍ଚିବା ପରେ ଏକ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ସେ ଜଣେ ଘରୋଇ ହୋମିଓପାଥୀ ଚିକିତ୍ସକ ଥିଲେ। ତାଙ୍କ ମରଶରୀରକୁ ଗ୍ରାମ ପରିକ୍ରମା କରାଇ ନିଜସ୍ୱ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିବା ବେଳେ ପୁତ୍ର ଗିରିଜା ଶଙ୍କର ମୁଖାଗ୍ନି ଦେଇଥିଲେ। ସେ ମାଣ୍ଡୁକା ପଞ୍ଚାୟତର ଦୁଇ ଦୁଇ ଥର ୱାର୍ଡ ସଭ୍ୟ ଥିବା ସହିତ ଜଣେ ଛାମୁଆ କଂଗ୍ରେସ କର୍ମୀ ରୂପେ ପରିଚିତ ଥିଲେ। ତାଙ୍କ ବିୟୋଗ ଖବର ପାଇ ବଡ଼ଚଣା କଂଗ୍ରେସ ନେତା ଅଜୟ କୁମାର ସାମଲ, ପୂର୍ବତନ ସରପଞ୍ଚ ବିଳାସ ଚନ୍ଦ୍ର ବାରିକ, ପ୍ରାକ୍ତନ ଜିଲ୍ଲା ଯୁବ କଂଗ୍ରେସ ସଭାପତି ବିଶ୍ୱ ପ୍ରକାଶ ସାମଲ, ସନ୍ତୋଷ ବେହେରା, ଧନେଶ୍ୱର ମହାନ୍ତି, ସଂଜୟ କୁମାର କର, ଅରକ୍ଷିତ ସିଂହ, ସୁବାସ ପରିଡ଼ା, ଶିକ୍ଷାବିତ୍ ବ୍ରଜ କିଶୋର ବିଶ୍ୱାଳ, କୁଶାସନ ରଣା, କନିଷ୍ଠଯନ୍ତ୍ରୀ ସାସ୍ୱତ ଦାସ, ଉଗ୍ରସେନ ବିଶ୍ୱାଳ, ମାଣ୍ଡୁକା ପଞ୍ଚାୟତ ବିଜେଡି ସଭାପତି ଅଶୋକ ବିଶ୍ୱାଳ, ବିଜେପି ସଭାପତି ଅମର ପରିଡ଼ା, କଂଗ୍ରେସ ସଭାପତି ସୁଧିର ଦାସ, ପ୍ରଶାନ୍ତ କର, କ୍ଷୀରୋଦ ସାହୁ, ଅରୁଣ ଲେଙ୍କା ପ୍ରମୁଖ ତାଙ୍କ ବାସଭବନରେ ପହଞ୍ଚି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିବା ସହ ପରିବାର ବର୍ଗଙ୍କୁ ସମବେଦନା ଜଣାଇଥିଲେ।

● ବିଇଓ ଅଫିସରେ ଅଟକିଛି ପାଚିକା ଓ ସହାୟିକା ନିଯୁକ୍ତି

## ରୋଷେଇ କରୁଛନ୍ତି ୮୦ ବର୍ଷର ବୃଦ୍ଧା

**ବାସୁଦେବପୁର,୧୧।୩(ସମିସ):** ବାସୁଦେବପୁର ବ୍ଲକ୍‌ର ଏଡତାଳ ପଞ୍ଚାୟତର ଭାସ୍କରଚନ୍ଦ୍ର ହାଇସ୍କୁଲର ପାଚିକା ଓ ସହାୟିକା ନିଯୁକ୍ତିର ସୁପାରିସ ପତ୍ର ଚାରିମାସ ଧରି ବ୍ଲକ୍ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ଫାଇଲ୍ ତଳେ ଚାପି ହୋଇଯାଇଛି। ନୀତିନିୟମକୁ ଉଲ୍ଲଂଘନ କରି କାର୍ଯ୍ୟାଳୟରେ ୮୦ ବର୍ଷର ବୃଦ୍ଧା ରୋଷେଇ ଘରେ ବସି ରୋଷେଇ କରୁଛି। ଏଡତାଳ ଭାସ୍କରଚନ୍ଦ୍ର ହାଇସ୍କୁଲରେ ୬ଷ୍ଠରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ୧୩୨ ଜଣ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି। ଏହି ଛାତ୍ରଛାତ୍ରୀଙ୍କୁ ରୋଷେଇ କରିବା ପାଇଁ ୩ ଜଣ ପାଚିକା ଓ ସହାୟିକାର ଆବଶ୍ୟକତା ରହିଛି। ପୂର୍ବରୁ ୨ଜଣ ରୋଷେଇ କରି ବଣ୍ଟନ କରି ଆସୁଛନ୍ତି। ସେଥିମଧ୍ୟରୁ ଜଣଙ୍କର ବୟସ ୮୦ ବର୍ଷ ଅତିକ୍ରମ କଲାଣି ବୋଲି ଅଭିଯୋଗ ହୋଇଛି। ସରକାରୀ ନିୟମ ଅନୁଯାୟୀ, ଜଣେ ପାଚିକା ଓ ସହାୟିକାର ଅବସର ଗ୍ରହଣ ବୟସ ୬୦ ବର୍ଷ। ସରକାରଙ୍କ ନୀତି ନିୟମକୁ ଜଳାଞ୍ଜଳି ଦେଇ ଆଜି ପର୍ଯ୍ୟନ୍ତ ରୋଷେଇ କରି ଚାଲିଛନ୍ତି। ଗତ ୪ମାସ ତଳେ ପାଚିକା ଓ ସହାୟିକା ନିଯୁକ୍ତି ପାଇଁ କମିଟି ବୈଠକ କରି ଦୁଇ ଜଣଙ୍କ ନାମ ସୁପାରିସ୍ କରିଥିଲେ। ହେଲେ ବ୍ଲକ୍ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ଫାଇଲ୍ ତଳେ ଚାପି ହୋଇଯାଇଛି ଏହି ନିଯୁକ୍ତି ପ୍ରକ୍ରିୟା। ଏ ସମ୍ପର୍କରେ ମଧ୍ୟାହ୍ନଭୋଜନର ନୋଡାଲ ଅଫିସର ତଥା ଏବିଇଓ ଅମୀୟ ମହାଲିକଙ୍କୁ ଯୋଗାଯୋଗ କରିବାରୁ ସେ କହିଲେ, ବିଇଓଙ୍କ ବଦଳି ପରେ ନୂତନ ବିଇଓ କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ତୁରନ୍ତ ଫାଇଲ୍ ଦେଇ ନିଯୁକ୍ତି ବ୍ୟବସ୍ଥା କରାଯିବ।

ଯାଜପୁରରେ କଙ୍ଗାରୁ କୋର୍ଟ

# ଘରେ ପଶି ୪ ଜଣଙ୍କୁ ବାନ୍ଧି ପିଟିଲେ

**ଯାଜପୁର,୧୧।୩(ସମିସ):**

ଏକ ଚୋରି ଘଟଣାର ଅଭିଯୁକ୍ତ ଦର୍ଶାଇ ନିସ୍ଥୁକ ମାଡ଼ ମାରିବା ସହିତ ଥାନାରେ ଅକଥନୀୟ ନିର୍ଯାତନା ଦେବା ପ୍ରତିବାଦରେ ଯାଜପୁର ଜିଲ୍ଲାପାଳ ଓ ଏସ୍‌ପିଙ୍କ ଦ୍ୱାରସ୍ଥ ହୋଇଛନ୍ତି ସାମାଜିକ ସଂଗଠନର କାର୍ଯ୍ୟକର୍ତ୍ତା। ଯାଜପୁର ସଦର ଥାନା ଅଧୀନ ବରୁଆଁ

### ପୁଲିସ ନିର୍ଯାତନା ବିରୋଧରେ ଜିଲ୍ଲାପାଳ ଏସ୍‌ପିଙ୍କ ହସ୍ତକ୍ଷେପ ଦାବି

ଅଞ୍ଚଳରେ ଘଟିଥିବା ଏକ ବାଇକ ଚୋରି ଘଟଣାକୁ ନେଇ ଏଭଳି ସାଂଘାତିକ ଅଭିଯୋଗ ହୋଇଥିବା ଜଣାପଡିଛି।

ସୂଚନା ମୁତାବକ ଯାଜପୁର ସଦରଥାନା ବରୁଆଁ ଅଞ୍ଚଳର ମହେଶ୍ୱରପୁର ଗାଁର ସୋମନାଥ ଓଝାଙ୍କ ଜଣେ ସମ୍ପର୍କୀୟଙ୍କ ଏକ ମୋଟର ସାଇକଲ ଗତ ୪ ତାରିଖ ଦିନ ଚୋରି ହୋଇ ଯାଇଥିଲା। ଏ ନେଇ ଯାଜପୁର ସଦର ଥାନାରେ ଗତ ଚାରି ତାରିଖରେ



ମୌଖିକ ଅଭିଯୋଗ କରାଯାଇଥିଲା। ଏହାର ପର ଦିନ ମହେଶ୍ୱରପୁର ଗାଁର କିଛି ବ୍ୟକ୍ତି ଦେବାଶିଷ ମଲିକ ନାମକ ଯୁବକକୁ ଏକ ମେଳାରୁ ଧରି ଗାଡି ଚୋରି କରିଥିବା ସନ୍ଦେହରେ ଗାଁ ମଝିରେ ମାଡ ମାରିଥିଲେ। ମାଡ଼ ଭୟରେ ସେ ରାଜେନ୍ଦ୍ର ମହାରଣା ନାଁ କହିଥିଲା। ଏହାପରେ ଉକ୍ତ ଗାଁର ଶହେରୁ ଊର୍ଦ୍ଧ୍ୱ ବ୍ୟକ୍ତି ସଂଘବଦ୍ଧ ହୋଇ ରାଜେନ୍ଦ୍ର ମହାରଣା ନାମକ ଯୁବକ ଘରକୁ ଯାଇ ତାଙ୍କ ପରିବାର ଲୋକଙ୍କ ଉପରେ ଆକ୍ରମଣ କରି ନାନା ଧମକ ଚମକ ଦେଇଥିଲେ। ଫଳରେ ରାଜେନ୍ଦ୍ର ମହାରଣାଙ୍କ ମା' ପାଇଖାନାରେ ଲୁଚିଥିବା ବେଳେ ତାଙ୍କୁ ମଧ ଘୋଷାଡ଼ି ମାଡ଼ ମରାଯାଇଥିବା ଅଭିଯୋଗ ହୋଇଛି। ଘଟଣା ଦିନ ରାଜେନ୍ଦ୍ର ମହାରଣା ଏବଂ ଜଣେ ବି-ଟେକ ଛାତ୍ର ସ୍ନେହାଶିଷ ମଲିକଙ୍କୁ ଘରୁ ଉଠାଇ ନେଇ ଦଉଡ଼ିରେ ବାନ୍ଧି ଶାରୀରିକ ମାନସିକ ନିର୍ଯାତନା ଦିଆଯାଇଥିଲା। ଏ ସମ୍ପର୍କରେ ସ୍ନେହାଶିଷଙ୍କ ବାପା ପୁଲିସକୁ ଜଣାଇବା ପରେ ପୁଲିସ ରାତି ପ୍ରାୟ ଦଶଟା ବେଳେ ରାଜେନ୍ଦ୍ର ମହାରଣାଙ୍କ ମା'ଙ୍କୁ ଉଦ୍ଧାର କରି ବନ୍ଧା ହୋଇଥିବା ଯୁବକମାନଙ୍କୁ ଥାନାକୁ ନେଇଥିଲେ। ଥାନାକୁ ନେବା ପରେ ସେଠାରେ ୩ ଦିନ କାଳ ସେମାନଙ୍କୁ ନାନା ଅକଥନୀୟ ନିର୍ଯାତନା ଦିଆଯାଇଥିବା ଅଭିଯୋଗ ହୋଇଛି। କିନ୍ତୁ ଯେଉଁ ମାନେ ଏଭଳି ବର୍ବର କାଣ୍ଡ ଘଟାଇଥିଲେ ସେମାନଙ୍କ ବିରୋଧରେ ଏ ପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ଏହାର ପ୍ରତିବାଦରେ ଆଜି ଯାଜପୁର ଏସ୍‌ପି ଏବଂ ଜିଲ୍ଲାପାଳଙ୍କ ନିକଟରେ ପୀଡିତ ରାଜେନ୍ଦ୍ର ମହାରଣା, ସ୍ନେହାଶିଷ ମଲିକଙ୍କ ପରିବାର ସହ ମୂଳ ନିବାସୀ ଛାତ୍ର ଯୁବ ସାମ୍ମୁଖ୍ୟର ଆଇନଜୀବୀ ବିଭ୍ରାନ୍ତ ବିଶ୍ୱଜିତ, ଅନିଲ କୁମାର ଜେନା, କେଶବ ଚନ୍ଦ୍ର ଦାସ, ଗୌତମ ମଲିକ, ସଦାନନ୍ଦ ମଲିକ, ଅଶୋକ ଗୋଛାୟତ, ବିଜୟ ମଲିକ, ବାସୁଦେବ ମଲିକ, ନିର୍ମଳା ମଲିକ, କାମିନୀ ମହାରଣା, ରାନୀ ମହାରଣା, ମାନବାଧିକାର କର୍ମୀ ବିଶ୍ୱନାଥ ପାତ୍ର ପ୍ରମୁଖ ପହଞ୍ଚି ତୁରନ୍ତ ଏହା ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଥିଲେ। ଏ ସଂପର୍କରେ ଯାଜପୁର ଏସ୍‌ଡିପିଓ ପ୍ରଶାନ୍ତ ମାଝୀଙ୍କୁ ପଚାରିବାରେ ଉକ୍ତ ଘଟଣା ନେଇ ସଦର ଥାନାରେ ଦୁଇଟି ପୃଥକ ପୃଥକ ମାମଲା ରୁଜୁ କରାଯାଇ ମାମଲାର ତଦନ୍ତ ଜାରି ରହିଛି ବୋଲି କହିଥିଲେ।

## ଟାଟା ଷ୍ଟିଲ୍ ଫାଉଣ୍ଡେସନ ପକ୍ଷରୁ ମହିଳା ଦିବସ




**ଦାନଗଦି,୧୧।୩(ସମିସ):** ଆନ୍ତର୍ଜାତିକ ମହିଳା ଦିବସର ସ୍ମୃତିକୁ ଉଜ୍ଜୀବିତ ରଖି ଟାଟା ଷ୍ଟିଲ୍ ଫାଉଣ୍ଡେସନ (ଟିଏସଏଫ) ପକ୍ଷରୁ ବୁଧବାର ଦାନଗଦୀ ସ୍ଥିତ ମଲ୍ଟି ସ୍କିଲ୍ ଡେଭଲପମେଣ୍ଟ ସେଣ୍ଟରଠାରେ ଏକ ଭବ୍ୟ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଲିଙ୍ଗଗତ ସମାନତା ଏବଂ ସାମାଜିକ ସଶକ୍ତୀକରଣ ପ୍ରତି ନିଜର ପ୍ରତିବଦ୍ଧତାକୁ ଦୋହରାଇ ଟିଏସ୍ଏଫ୍ ପକ୍ଷରୁ ଏକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏହି ଅବସରରେ ଆଞ୍ଚଳିକ ବିକାଶ କ୍ଷେତ୍ରରେ ମହିଳାମାନଙ୍କର ସାମାଜିକ, ଅର୍ଥନୈତିକ ଏବଂ ରାଜନୈତିକ ସଫଳତାକୁ ସମ୍ମାନ ଜଣାଯାଇଥିଲା। ଦାନଗଦୀ ଏବଂ ସୁକିନ୍ଦା ଅଞ୍ଚଳର ବିଭିନ୍ନ ପଞ୍ଚାୟତରୁ ୩୦୦ରୁ ଅଧିକ ମହିଳା ଏହି ଉତ୍ସବରେ ଉତ୍ସାହର ସହ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଉତ୍କଳ ବିଶ୍ୱବିଦ୍ୟାଳୟର ଜେଣ୍ଡର ଷ୍ଟଡିଜ୍ ବିଭାଗର ଅବସରପ୍ରାପ୍ତ ପ୍ରଫେସର ନବନୀତା ରଥ, ଦାନଗଦୀ ବ୍ଲକ ଅଧ୍ୟକ୍ଷା ଅର୍ଚ୍ଚନା ଦାସ ଏବଂ ସୁକିନ୍ଦା ବ୍ଲକ ଉପାଧ୍ୟକ୍ଷା ଭାଗ୍ୟଲକ୍ଷ୍ମୀ ରାଉତ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସେମାନଙ୍କ ସମେତ ତ୍ରିଜଙ୍ଗା ପଞ୍ଚାୟତର ସରପଞ୍ଚ କାଗଜି ପାତ୍ର ଏବଂ ନଡ଼ିଆଭଙ୍ଗା ପଞ୍ଚାୟତର ସରପଞ୍ଚ ରଶ୍ମିତା ସାହୁ, ବିସ୍ଥାପନ ଓ ପୁନର୍ବାସ କଲୋନୀର ସଦସ୍ୟ ଏବଂ ରାଜ୍ୟ ସ୍ତରୀୟ ସମ୍ପଦ ବ୍ୟକ୍ତିମାନେ ମଧ୍ୟ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମର ୪୫ ଜଣ ମହିଳାଙ୍କୁ "କାଟାଲିଷ୍ଟ ଫର ଚେଞ୍ଜ' ବା "ପରିବର୍ତ୍ତନର ସାରଥି' ଭାବେ ସମ୍ମାନିତ କରାଯାଇଥିଲା। ଏହା ସହିତ ସ୍ଥାନୀୟ ମହିଳାମାନଙ୍କ ଦ୍ୱାରା ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ ସମସ୍ତଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। ପୂର୍ବରୁ ଦାନଗଦୀ ଏବଂ ସୁକିନ୍ଦା ବ୍ଲକର ୨୪ଟି ପଞ୍ଚାୟତ ସମେତ ଗୋବରଘାଟି, ସନସାଇଲୋ ଏବଂ ତ୍ରିଜଙ୍ଗା ପୁନର୍ବାସ କଲୋନୀରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ।

## ତୀର୍ଥଯାତ୍ରୀଙ୍କ ହୃଦ୍‌ଘାତରେ ମୃତ୍ୟୁ

**ଧର୍ମଶାଳା,୧୧।୩(ସମିସ):** ଧର୍ମଶାଳା ଥାନା ୧୬ନମ୍ବର ଜାତୀୟ ରାଜପଥ ନେଉଳପୁରସ୍ଥିତ ଏକ ହୋଟେଲରେ ବିଳମ୍ବିତ ରାତ୍ରିରେ ଜଣେ ତୀର୍ଥ ଯାତ୍ରୀ ଖାଉଥିବା ବେଳେ ଛାତିରେ ଯନ୍ତ୍ରଣା ଅନୁଭବ କରିଥିଲେ। ତାଙ୍କୁ ଧର୍ମଶାଳା ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତକ ଜଣଙ୍କ ହେଲେ ପଶ୍ଚିମବଙ୍ଗ ବର୍ଦ୍ଧମାନ ଜିଲ୍ଲା କଂସା ଥାନା ଆରା ଗ୍ରାମର ମକର ରୋହିଦାସ (୬୩) ବୋଲି ଜଣାପଡିଛି। ସୂଚନା ମୁତାବକ, ଶ୍ରୀକ୍ଷେତ୍ର ପୁରୀରୁ ଦର୍ଶନ ସାରି ବସ୍ ଯୋଗ ପଶ୍ଚିମବଙ୍ଗ ଫେରୁଥିବା ବେଳେ ନେଉଳପୁର ନିକଟସ୍ଥ ଏକ ହୋଟେଲରେ ଖାଉଥିବା ବେଳେ ଛାତିରେ ଯନ୍ତ୍ରଣା ଅନୁଭବ କରିଥିଲେ। ଏନେଇ ପୁଲିସ ୯/୨୬ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ କରି ଘଟଣାର ତଦନ୍ତ କରୁଥିବା ଥାନା ଅଧିକାରରୀ ଚିନ୍ମୟୀ ସାହୁ ସୂଚନା ଦେଇଛନ୍ତି।

## ଦୁର୍ବୃତ୍ତଙ୍କ ଆକ୍ରମଣରେ ସାମ୍ବାଦିକ ଆହତ

**ଦାନଗଦି,୧୧।୩(ସମିସ):** ଦାନଗଦିର ସାମ୍ବାଦିକ ମହେନ୍ଦ୍ର ନାଥ (୪୯)ଙ୍କ ଉପରେ କିଛି ଅସାମାଜିକ ଲୋକ ମଙ୍ଗଳବାର ପୂର୍ବାହ୍ନରେ ମରଣାନ୍ତକ ଆକ୍ରମଣ କରିଛନ୍ତି। ମହେନ୍ଦ୍ର ପୂର୍ବାହ୍ନ ସାଢ଼େ ୧୦ଟା ବେଳେ ନିଜ ବାଇକ୍‌ରେ ପିଲାକୁ ନେଇ ଦାନଗଦି ଗାଁ ରାସ୍ତାରେ ଯାଉଥିବା ସମୟରେ ଦାନଗଦି ପାତ୍ର ସାହିର ସନ୍ତୋଷ ପାତ୍ର (୪୭) ଓ ତାର ଅନ୍ୟ ୨ ଜଣ ସାଥୀ ରାସ୍ତା ବନ୍ଦ କରି ରଖିଥିଲେ। ରାସ୍ତାରୁ ବାଇକ ହଟାଇବା ପାଇଁ ମହେନ୍ଦ୍ର କହିବାରୁ ଏହାକୁ ନେଇ ଦୁର୍ବୃତ୍ତ ମାନେ ହଠାତ ଉତ୍ତେଜିତ ହୋଇ ତାଙ୍କୁ ଅଶ୍ଳୀଳ ଭାଷାରେ ଗାଳି ଗୁଲଜ କରିବା ସହିତ ଧକ୍କା ମାରିଥିଲେ। ମହେନ୍ଦ୍ର ସେଠାରୁ ଚାଲି ଆସି ଘରେ ପହଞ୍ଚି ଫୋନ ଯୋଗେ ଦାନଗଦି ପୁଲିସକୁ ଘଟଣା ସଂପର୍କରେ ସୂଚନା ଦେଇଥିଲେ। ପୁଲିସ ମହେନ୍ଦ୍ରଙ୍କୁ ଘଟଣାସ୍ଥଳକୁ ଆସିବାକୁ କହି ଡାକିଥିଲେ। ପୁଲିସ ପହଞ୍ଚିବା ପୂର୍ବରୁ ମହେନ୍ଦ୍ର ସେଠାରେ ପହଞ୍ଚି ଯିବାରୁ ଲୁହା ଛଡ଼ ଧରି ପ୍ରସ୍ତୁତ ରହିଥିବା ୩ ଦୁର୍ବୃତ୍ତ ତାଙ୍କୁ ଅତର୍କିତ ଆକ୍ରମଣ କରିଥିଲେ। ସନ୍ତୋଷ ଏକ ଲୁହା ରଡ଼ରେ ମହେନ୍ଦ୍ରଙ୍କ ଆଣ୍ଠୁକୁ ନିର୍ଦ୍ଦୟଭାବେ ପିଟିବା ଫଳରେ ମହେନ୍ଦ୍ର ତଳେ ପଡ଼ି ଛଟପଟ ହୋଇଥିଲେ। ୩ ଜଣ ଯାକ ତାଙ୍କୁ ନିସ୍ତୁକ ବିଧା ଗୋଇଠା ମାରିବା ସହିତ ମହେନ୍ଦ୍ରଙ୍କ ହାତରୁ ଏକ ସୁନା ମୁଦି ଓ ୪୩୦୦ ଟଙ୍କା ଛଡ଼ାଇ ନେଇଥିଲେ। ପୁଲିସ ଗାଡ଼ି ସେଠାରେ ପହଞ୍ଚିବା ଦେଖି ସମସ୍ତେ ଖସି ପଳାଇବାକୁ ଉଦ୍ୟମ କରୁଥିବା ବେଳେ ପୁଲିସ ସନ୍ତୋଷକୁ ଗୋଡ଼ାଇ ଧରିଥିଲା। ଆକ୍ରମଣକାରୀଙ୍କ ଠାରୁ ପୁଲିସ ଏକ ମଟର ସାଇକଲ, ଆକ୍ରମଣରେ ବ୍ୟବହୃତ ଲୁହା ଛଡ଼କୁ ଜବତ କରିଛି। ଗିରଫ ଅଭିଯୁକ୍ତକୁ ବୁଧବାର କୋର୍ଟଚାଲାଣ କରାଯାଇଛି। ଆହତ ମହେନ୍ଦ୍ର କଟକର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ସାମ୍ବାଦିକଙ୍କ ଉପରେ ଏପରି ଆକ୍ରମଣକୁ ଉତ୍କଳ ସାମ୍ବାଦିକ ସଂଘ ପକ୍ଷରୁ ତୀବ୍ର ନିନ୍ଦା କରାଯାଇଛି। ଅନ୍ୟ ଅଭିଯୁକ୍ତମାନଙ୍କୁ ଖୁବଶୀଘ୍ର ଗିରଫ କରାଯିବ ବୋଲି ପୁଲିସ କହିଛି। ଅନ୍ୟ ଅଭିଯୁକ୍ତ ମାନଙ୍କୁ ଖୁବ୍ ଶୀଘ୍ର ଗିରଫ କରାଯିବ ବୋଲି ପୁଲିସ କହିଛି।

## ପୋଖରୀରୁ ଯୁବକଙ୍କ ମୃତଦେହ ଉଦ୍ଧାର

**ସୁକିନ୍ଦା୧୧।୩(ସମିସ):** ସୁକିନ୍ଦା ଥାନା ଅନ୍ତର୍ଗତ କୁହିକା ଗ୍ରାମ ନିକଟ ପୋଖରୀରୁ ଜଣେ ଯୁବକଙ୍କ ମୃତଦେହ ଉଦ୍ଧାର ହୋଇଥିବା ଜଣାପଡିଛି। ମୃତ ଯୁବକ କୁହିକା ବଟକୃଷ୍ଣ ଦେହୁରୀଙ୍କ ପୁଅ ବିଜ୍ଞାନ ଦେହୁରୀ (୩୫) ବୋଲି ଜଣାପଡିଛି। ସୂଚନା ମୁତାବକ ମୃତ ବିଜ୍ଞାନ ବୁଧବାର ଦିନ ଗ୍ରାମ ନିକଟ ପୋଖରୀକୁ ଗାଧୋଇବା ପାଇଁ ଯାଇ ଦିର୍ଘସମୟ ଧରି ଫେରିଥିଲେ। ପରିବାର ଲୋକେ ବହୁତ ଖୋଜାଖୋଜି କରିବା ପରେ ପୋଖରୀ ଭିତରୁ ସଂଜ୍ଞାହୀନ ଅବସ୍ଥାରେ ଉଦ୍ଧାର କରି ସୁକିନ୍ଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ବିଜ୍ଞାନକୁ ମୃତ ଘୋଷଣା କରିବା ସହ ପୋଲିସକୁ ସୂଚନା ଦେଇଥିଲେ। ପୁଲିସ ମୃତଦେହ ଜବତ କରି ୭/୨୦୨୬ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି।

ମିଶ୍ରିଲାଲ କମ୍ପାନୀର ତଞ୍ଚକତା

# ସରକାରୀ ଜମି ଜବରଦଖଲ ଅଭିଯୋଗ

**ଯଖପୁରା,୧୧।୩(ସମିସ):**

କଳିଙ୍ଗନଗର ଶିଳ୍ପାଞ୍ଚଳରେ ସାଧାରଣ ଜମିର ମୂଲ୍ୟ ଆକାଶ ଛୁଆଁ ହୋଇଥିବା ବେଳେ ଏଠାରେ ଥିବା ସରକାରୀ ଜମିକୁ ଜବରଦଖଲ କରି ବହୁ ମୂଲ୍ୟରେ ବିକ୍ରି କରାଯାଉଥିବା ଦେଖିବାକୁ ମିଳିଛି। ମାତ୍ର ଶିଳ୍ପସଂସ୍ଥା ଦ୍ୱାରା ଅନାବାଦୀ ଓ ଶାଳଜଙ୍ଗଲ କିସମ ଜମିକୁ ନିଜ ଅକ୍ତିଆରକୁ ନେଇଥିବାର ଦେଖିବାକୁ ମିଳିଛି। କଳିଙ୍ଗନଗର ଶିଳ୍ପାଞ୍ଚଳ ପଙ୍କପାଳ ଠାରେ ଥିବା ମିଶ୍ରିଲାଲ କମ୍ପାନୀ ଆକ୍ତିଆରରେ ବହୁ ସରକାରୀ ଅନାବାଦୀ, ଶାଳଜଙ୍ଗଲ ଜମି ରହିଛି। ସୂଚନା ଅଧିକାର ଆଇନ ବଳରେ ମିଳିଥିବା ତଥ୍ୟ ଅନୁସାରେ ଏହା ଜଣାଯାଏ। ପ୍ରଶାସନ କୁ ହାତକରି କଳିଙ୍ଗନଗର ରେ ଥିବା ମୂଲ୍ୟବାନ ଅନାବାଦୀ ଶାଳଜଙ୍ଗଲ କିସମ ଥିବା ଜମିକୁ ସ୍ଥିତିବାନ ଜମି କରାଯାଇ ମିଶ୍ରିଲାଲ୍ କମ୍ପାନୀକୁ ଦିଆଯାଇଛି। ଅନାବାଦୀ ଶାଳ ଜଙ୍ଗଲ ଜମିକୁ ଜବରଦଖଲ ଯାହାକି ସମ୍ପୂର୍ଣ୍ଣ ବେଆଇନ କାର୍ଯ୍ୟ ହୋଇଥିବା ବେଳେ କିଛି ଅସାଧୁ ବନ୍ଦୋବସ୍ତ କର୍ମଚାରୀଙ୍କ ଠାରୁ ଆରମ୍ଭ କରି ରାଜସ୍ୱ ବିଭାଗ ତଥା ଅସାଧୁ ତହସିଲ କର୍ମଚାରୀ ଏହି କାର୍ଯ୍ୟରେ ସଂପୃକ୍ତ ଥିବା କୁହାଯାଇଛି। ଅଭିଯୋଗ ଆଧାରରେ




ସୁକିନ୍ଦା ତହସିଲ ଅନ୍ତର୍ଗତ ନିମପଲ୍ଲୀ ମୌଜା ଅଧୀନରେ ମିଶ୍ରୀଲାଲ ମାଇନ୍ସ ପ୍ରାଇଭେଟ୍ ଲିମିଟେଡ ଯାହାର ମାର୍ଫତ ଅଶୋକ କୁମାର ଜୈନ, ପିତା- ମିଶ୍ରିଲାଲ ଜୈନ ନାମରେ ହାଲ ଖାତା ନମ୍ବର -୮୪୭/୮ ଏବଂ ପ୍ଲଟ ନମ୍ବର ୧୪୮୦ ରୁ ୧୪୯୫ ମଧ୍ୟରେ ଥିବା ୧୬ ଗୋଟି ପ୍ଲଟରେ ମୋଟ ୧୪ ଏକର ୭ ଡିସିମିଲ ସ୍ଥିତିବାନ ଜମି ରହିଛି। ସରକାରୀ ରେକର୍ଡରେ ଏହିଜମି ଘରବାରି ବୋଲି ସ୍ପଷ୍ଟ ଭାବରେ ଉଲ୍ଲେଖ କରାଯାଇଛି। ସୁକିନ୍ଦା ତହସିଲ କାର୍ଯ୍ୟାଳୟରୁ ସୂଚନା ଅଧିକାର ଆଇନ ବଳରେ ମିଳିଥିବା ତଥ୍ୟ ସମ୍ପୂର୍ଣ୍ଣ ଅଲଗା ଥିବା ଜଣାଯାଇଛି। ଯାହାର ଖାତା ନମ୍ବର -୨୪୦ ଓ ଉକ୍ତ ୧୬ ଗୋଟି ହାଲ ପ୍ଲଟ ର ସାବକ ପ୍ଲଟ -୪୦୧ ଥିବାବେଳେ ଏହାର କିସମ ଅନାବାଦୀ ଶାଳଜଙ୍ଗଲ ରହିଥିବାର ସୂଚନା ମିଳିଛି। ଯେକୌଣସି ଜମି ସାବକରେ ଅନାବାଦୀ ଶାଳଜଙ୍ଗଲ ଥିଲେ କୌଣସି ପରିସ୍ଥିତିରେ ଏହାର କିସମ ପରିବର୍ତ୍ତନ କରାଯାଇ ପାରିବନାହିଁ। କିନ୍ତୁ ମିଶ୍ରିଲାଲ କମ୍ପାନୀ କ୍ଷେତ୍ରରେ ଏହି ଅସମ୍ଭବ କାର୍ଯ୍ୟ ସମ୍ଭବ ହୋଇଥିବାର ଦେଖିବାକୁ ମିଳିଛି। ମିଶ୍ରିଲାଲ କମ୍ପାନୀ ଅଧୀନରେ ଥିବା ଜମି ସାବକ ରେକର୍ଡରେ ଅନାବାଦୀ ଶାଳଜଙ୍ଗଲ ରହିଥିବା ବେଳେ ଏହି ଜମିକୁ କିଏ ଓ କାହା ସ୍ୱାର୍ଥରେ ସ୍ଥିତିବାନ ଜମି କରାଇ କମ୍ପାନୀ ହାତକୁ ଟେକିଦେଇଛି। ଏ ବିଷୟରେ ଜାଣିବା ପାଇଁ କମ୍ପାନୀର ସିଇଓଙ୍କ ଫୋନରେ କଥା ହେବାରୁ ସେ କହିଲେକି- 'ମୁଁ ପ୍ଲାଣ୍ଟ ଅପରେସନ ଦାୟିତ୍ୱରେ ଥିବାରୁ ଏ ବିଷୟରେ କିଛି କହି ପାରିବି ନାହିଁ। ପ୍ଲାଣ୍ଟର ଜିଏମ୍ ଏବେ ଛୁଟିରେ ଅଛନ୍ତି। ସେ ଆସିଲେ ଏ ବିଷୟରେ ଜଣାଇବେ' ବୋଲି କହିଥିଲେ। ସାଧାରଣରେ ପ୍ରଶ୍ନ ଉଠିଛି ଯଦି ସରକାରୀ ଜମି ଅକ୍ତିଆର କରାଯାଇଥିଲା ତେବେ ସରକାରୀ ନିୟମ ଅନୁସାରେ ଏହାପୂର୍ବରୁ ଜନଶୁଣାଣି ବିନା ସମ୍ଭବ ହୋଇପାରିବନାହିଁ। ଏ ସମ୍ପର୍କରେ ସ୍ଥାନୀୟ ଜନସାଧାରଣ ଜମିର କିସମ ପରିବର୍ତ୍ତନ ନେଇ କୌଣସି ଜନଶୁଣାଣି ହୋଇନଥିବା କହିଛନ୍ତି। କିସମ ପରିବର୍ତ୍ତନ କରିବା ପାଇଁ ଜନଶୁଣାଣି ହୋଇଛି କି ନାହିଁ ତାହାର ତଦନ୍ତ ନିତ୍ୟାନ୍ତ ଆବଶ୍ୟକ। ସରକାର ପରିବର୍ତ୍ତନ ପରେ ସରକାରୀ ଜମିକୁ ଅକ୍ତିଆର କରିଥିବା ଜମି ମାଫିଆଠାରୁ ମୁକୁଳେଇବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଏବେ ଦେଖିବାକୁ ରହିଲା ମିଶ୍ରିଲାଲ କମ୍ପାନୀ ମାଲିକାନାରେ ଥିବା ସରକାରୀ ଅନାବାଦୀ ଓ ଶାଳଜଙ୍ଗଲ ଜମିକୁ ସରକାରୀ ଖାତାକୁ କେବେ ଆଣୁଛନ୍ତି। କମ୍ପାନୀ ଅକ୍ତିଆର କରିଥିବା ସରକାରୀ ଜମିକୁ ତୁରନ୍ତ ପ୍ରଶାସନ ନିଜ ଅକ୍ତିଆରକୁ ନଆଣେ ତେବେ ଆଗକୁ ଏଥିପାଇଁ ଏକ ବଡ଼ ଆନ୍ଦୋଳନ କରାଯିବ ବୋଲି ସ୍ଥାନୀୟ ବାସିନ୍ଦା ଚେତାବନୀ ଦେଇଛନ୍ତି।

## ଚୋରା ମଦ ବିକ୍ରି ବିରୋଧରେ ଦାବିପତ୍ର



**ବ୍ରହ୍ମବରଦା,୧୧।୩(ସମିସ):** ବେଆଇନ ଚୋରା ମଦ ବିକ୍ରି ବିରୋଧରେ ବନ୍ଧଡିହ ଅଞ୍ଚଳର ମହିଳାମାନେ ମଙ୍ଗଳବାର ଅପରାହ୍ଣରେ ଜିଲ୍ଲାପାଳଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରିଥିଲେ। ରସୁଲପୁର ଅବକାରୀ ଥାନା ଅଧୀନ ବନ୍ଧଡିହ ପଞ୍ଚାୟତରେ ଦୀର୍ଘ ବର୍ଷ ହେବ ପ୍ରଶାନ୍ତ ବେହେରା ବେଆଇନ ଚୋରା ମଦ ବେପାର କରି ଆସୁଅଛି। ଏହି ଚୋରା ମଦ ବେପାର ସମୟରେ ନାନା ରକମର ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇଥାଏ। ମହିଳା ତଥା ଛାତ୍ରୀମାନେ ରାସ୍ତା ଦେଇ ଯିବା ସମୟରେ ନିଜକୁ ସୁରକ୍ଷିତ ମଣୁ ନାହାଁନ୍ତି। ଏ ନେଇ ବହୁବାର ଗ୍ରାମର ମହିଳାମାନେ ଅଭିଯୋଗ କରିଥିଲେ ମଧ କୌଣସି ସୁଫଳ ମିଳିନାହିଁ। ଯାହାକୁ ନେଇ ଗତ ସୋମବାର ଦିନ ସାହାପଡ଼ା ଗ୍ରାମ ନିକଟସ୍ଥ କାଳିମନ୍ଦିର ଛକରେ ଥିବା ଚୋରା ମଦ ବେପାରୀ ପ୍ରଶାନ୍ତ ବେହେରାଙ୍କ ଘର ଆଗରେ ଶତାଧିକ ମହିଳାମାନେ ଏକାଠି ହୋଇ ଟାୟାର ଜାଳି ଦୀର୍ଘ ୩ ଘଣ୍ଟା ଧରି ପ୍ରତିବାଦ କରିଥିଲେ। ଘଟଣା ସ୍ଥଳରେ ବ୍ରହ୍ମବରଦା ପୁଲିସ ପହଞ୍ଚ ଥିଲେ ହେଁ ମଦ ବେପାରୀ ପୂର୍ବରୁ ଫେରାର ହୋଇଯାଇଥିଲା। ଘଟଣାକୁ ନେଇ ମହିଳାମାନେ ବ୍ରହ୍ମବରଦା ଥାନାରେ ପହଞ୍ଚ ଚୋରା ମଦ କାରବାର ବନ୍ଦ କରିବା ସହିତ ମଦ ବେପାରୀକୁ ଗିରଫ କରିବା ପାଇଁ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୁନର୍ବାର ମଙ୍ଗଳବାର ଅପରାହ୍ଣରେ ଜିଲାପାଳ ଅମ୍ବର କୁମାର କରଙ୍କୁ ଭେଟି ମଦ ବେପାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଏକ ଦାବିପତ୍ର ପ୍ରଦାନ କରିଥିଲେ। ଏହି ଦାବିପତ୍ର ପ୍ରଦାନ ସମୟରେ ଶତାଧିକ ମହିଳା ଉପସ୍ଥିତ ଥିଲେ।

## ଦେଶୀ ମଦ, ବାଇକ୍ ଜବତ

ବ୍ରହ୍ମବରଦା,୧୧।୩(ସମିସ): ବ୍ରହ୍ମବରଦା ଥାନା ପକ୍ଷରୁ ପାଟ୍ରୋଲିଂ ଚାଲିଥିବା ବେଳେ ୧୩ ଲିଟର ଦେଶୀ ମଦ ସହିତ ଏକ ମଟର ସାଇକଲ ଜବତ ହୋଇଛି । ସୂଚନା ଥାଉକି ଗତକାଲି ରାତିରେ ବ୍ରହ୍ମବରଦା ଥାନା ଏଏସଆଇ ଦୁର୍ଗେସନନ୍ଦିନୀ ଦେ ସଦଳବଳେ ଅର୍ଥଙ୍ଗା ପଞ୍ଚାୟତ ଚଅପୋଇ ନଦୀବନ୍ଧରେ ପାଟ୍ରୋଲିଂ କରୁଥିବା ସମୟରେ ଏକ ଲାଲ କଳା ରଙ୍ଗର ମଟର ସାଇକଲ (ନଂ ଓଡି୦୪ଏଚ୍୪୭ ୯୦ ଦ୍ରୁତଗତିରେ ଯାଉଥିଲା । ସନ୍ଦେହ ହେବାରୁ ଥାନା ପକ୍ଷରୁ ଗାଡିଟିକୁ ଅଟକ ରଖିଥିଲେ । ହେଲେ ମଟର ସାଇକଲ ଚାଳକ ଗାଡି ଛାଡ଼ି ନଦୀ ବନ୍ଧରୁ ଦୌଡି ପଳାଇବା ବେଳେ ପୁଲିସ ଗାଡ଼ିଟିକୁ ଥାନାକୁ ଆଣି ଯାଞ୍ଚ କରିବାରୁ ଗାଡ଼ି ମଧ୍ୟରୁ ୨୦ଟି ବିଅର ବୋତଲ ଜବତ କରାଯାଇଥିଲା । ଯାହାର ଓଜନ ୧୩ଲିଟର ଥିବା ବେଳେ ଅଭିଯୁକ୍ତଙ୍କ ନାମରେ ୪୬/୨୬ରେ ମାମଲା ରୁଜୁ କରାଯାଇଥିବା ଦର୍ଶାଯାଇଛି ।

## ଭତ୍ତାରୁ ବଞ୍ଚିତ ୭୩ ବର୍ଷିୟା ଦିବ୍ୟାଙ୍ଗ



ବ୍ରହ୍ମବରଦା,୧୧।୩(ସମିସ): ରସୁଲପୁର ବ୍ଲକ ବ୍ରହ୍ମବରଦା ପଞ୍ଚାୟତ ଆଜାଦନଗର ଗ୍ରାମରେ ବାସ କରୁଥବା ଦିବ୍ୟାଙ୍ଗ ମହମ୍ମଦ ହାଫିଜୁଲ ଖାନ୍ (୭୩) ଭତ୍ତାରୁ ବଞ୍ଚିତ ରହିଛନ୍ତି । ଦୀର୍ଘ ବର୍ଷ ହେଲା ପକ୍ଷାଘାତ ରୋଗରେ ପୀଡ଼ିତ ଥିବା ହାଫିଜୁଲ ୭୦ ପ୍ରତିଶତ ଦିବ୍ୟାଙ୍ଗ ପ୍ରମାଣପତ୍ର ପାଇଛନ୍ତି । ହେଲେ ଆଜି ଯାଏଁ ଭତ୍ତାଟିଏ ପାଇ ପାରୁ ନାହାନ୍ତି । ଭତ୍ତା ପାଇଁ ପଞ୍ଚାୟତ ଠାରୁ ବ୍ଲକ ପର୍ଯ୍ୟନ୍ତ ଦୌଡ଼ି ଦୌଡ଼ ନୟାନ୍ତ ହେଲେଣି । ଅନ୍‌ଲାଇନରେ ଆବେଦନ କରି କରି ଥକି ଗଲେଣି ହେଲେ ଭତ୍ତାଟିଏ ପାଇପାରୁ ନାହାନ୍ତି । ଅସୁବିଧାରେ ଜୀବନ ବିତାଉଥିବା ହାଫିଜୁଲଙ୍କୁ ତୁରନ୍ତ ଦିବ୍ୟାଙ୍ଗ ଭତ୍ତା ଯୋଗାଇ ଦେବାକୁ ପରିବାର ଲୋକେ ଦାବି କରିଛନ୍ତି ।

## ଓଁକାରର ବାର୍ଷିକୋତ୍ସବ ପାଇଁ ପ୍ରସ୍ତୁତି ବୈଠକ

ବରୀ,୧୧।୩(ସମିସ): ଓଁକାର ସୋସିଆଲ ଅର୍ଗାନାଇଜେସନ୍, ଧାରପୁରର ବାର୍ଷିକ ଉତ୍ସବ ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠାନର ପ୍ରତିଷ୍ଠାତା ସଭାପତି ତଥା ବିଶିଷ୍ଟ ଗୀତିକାର ଦିଲ୍ଲୀପ ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଆସନ୍ତା ଏପ୍ରିଲ ୪ ଓ ୫ ତାରିଖରେ ଏହାର ବାର୍ଷିକ ଉତ୍ସବ ସହ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଅନୁଷ୍ଠାନର ଉପ ସଭାପତି ଅଜୟ କୁମାର ଜେନା, ସମ୍ପାଦକ ମନୋଜ ମହାପାତ୍ର, ସହ ସମ୍ପାଦକ ବସନ୍ତ କୁମାର ଭୂୟାଁ, ସଂଗଠନ ସମ୍ପାଦକ ତୁଷାର ଶାନ୍ତି, କିଶୋର ଚନ୍ଦ୍ର ଦାସ, କୋଷାଧ୍ୟକ୍ଷ ଗୁରୁଚରଣ ଦାସ, ତୁଷାର କାନ୍ତ ଶାନ୍ତି (ଖ), ପୂର୍ବତନ ସରପଞ୍ଚ ବିଜୟାନନ୍ଦ ଜେନା, ସମିତି ସଭ୍ୟ ଶ୍ରୀଧର ସେଠୀ, ସରପଞ୍ଚ କୁନା ମଲିକ, ପୂର୍ବତନ ସମିତି ସଭ୍ୟ ସୁରେଶ ମଲିକ, ନବଘନ ଭୂୟାଁ ଓ ଲାଇଫ୍ କ୍ଲବ୍‌ର ସମସ୍ତ ସଦସ୍ୟ ଯୋଗଦେଇ କାର୍ଯ୍ୟକ୍ରମକୁ ସଫଳ କରିବା ସହ ଉପସ୍ଥିତ ରହିବାକୁ ଅନୁରୋଧ କରିଥିଲେ ।

## ମୁନ୍‌ସୀ ମିଳନ କମିଟି ପକ୍ଷରୁ ପଡ଼ିଆ ସଫେଇ



ଧର୍ମଶାଳା,୧୧।୩(ସମିସ): ଧର୍ମଶାଳା ମୁନ୍‌ସୀ ମିଳନ କମିଟି ଓ ଆମ ପୁଲିସ ସମିତିର ମିଳିତ ଆନୁକୂଲ୍ୟରେ ମିଳନ ପଡ଼ିଆକୁ ଆଜି ସକାଳେ କର୍ମକର୍ତ୍ତା ଓ ସଦସ୍ୟମାନେ ସଫେଇ କରିଛନ୍ତି । ମିଳନ କମିଟିର ସଭାପତି ତଥା ଧର୍ମଶାଳା ଥାନା ଭାରପ୍ରାପ୍ତ ଅଧିକାରୀ ସୁଶ୍ରୀ ଚିନ୍ମୟୀ ସାହୁ ଏବଂ ସାଧାରଣ ସମ୍ପାଦକ ପ୍ରମୋଦ କୁମାର ଦାସଙ୍କ ନେତୃତ୍ୱରେ ସଦସ୍ୟମାନେ ମିଳନ ପଡିଆରେ ଥିବା ଅଳିଆ ଆବର୍ଜନାକୁ ସଫା କରିଥିଲେ । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଉପସଭାପତି ଗଗନ ବିହାରୀ ବରାଳ, କୋଷାଧ୍ୟକ୍ଷ ମନୋଜ ରାଉଳ, ସଦସ୍ୟ ପ୍ରବୋଧ କୁମାର ପାତ୍ର, କାମେଶ୍ୱର ବାରିକ, ନୃସିଂହ ଚରଣ ମହାନ୍ତି, ଗଙ୍ଗାଧର ମହାରଣା, ରବୀନ୍ଦ୍ର ମହାନ୍ତି, ଲକ୍ଷ୍ମୀଧର ମହାନ୍ତି, ଗୋଲଖ ବିହାରୀ ସାମଲ, ଅଶୋକ କୁମାର ସାହୁ, ପ୍ରଦୀପ ପଣ୍ଡିତ, ଅମୀୟ ମହାନ୍ତି, ରମେଶ ମହାନ୍ତି, ଅଶୋକ ବରାଳ, ପ୍ରଫୁଲ୍ଲ ରାଉତ, ସୂର୍ଯ୍ୟକାନ୍ତ ବରାଳ, ପ୍ରଶାନ୍ତ ରାଉତ ଏବଂ ଧର୍ମଶାଳା ଥାନାର କର୍ମଚାରୀ ମାନେ ସହାୟତା କରିଥିଲେ । ସୂଚନାଯୋଗ୍ୟ ଯେ ଗତ ୬ତାରିଖ ରାତିରେ ଏହି ମିଳନ ପଡ଼ିଆରେ ପ୍ରସିଦ୍ଧ ମୁନ୍‌ସୀ ମିଳନ ଅନୁଷ୍ଠିତ ହୋଇଥିଲା ।

## 'ନାରୀ ଶକ୍ତି ବନାମ ସମୃଦ୍ଧ ସମାଜ' ଆଲୋଚନା ଚକ୍ର

ଧର୍ମଶାଳା,୧୧।୩(ସମିସ): ଧର୍ମଶାଳା ମହିଳା ଡିଗ୍ରୀ ମହାବିଦ୍ୟାଳୟ ଠାରେ ଆମ ଗୌରବ ଆମ କଲେଜ ଆନୁକୂଲ୍ୟରେ "ନାରୀ ଶକ୍ତି ବନାମ ସମୃଦ୍ଧ ସମାଜ' ଶୀର୍ଷକ ଆଲୋଚନାଚକ୍ର ଓ ସମ୍ବର୍ଦ୍ଧନା ପର୍ବ ପାଳିତ ହୋଇଯାଇଛି । ଏଥିରେ ମହାବିଦ୍ୟାଳୟର ଅଧ୍ୟକ୍ଷା ଡ.ଇନ୍ଦୁପ୍ରଭା ସାମଲ ଅଧ୍ୟକ୍ଷତା କରି କହିଥିଲେ ।_ଖ୍ୟ ଅତିଥି ଭାବେ ଫକୀର ମୋହନ ବିଶ୍ୱବିଦ୍ୟାଳୟର ପ୍ରାକ୍ତନ କୁଳପତି ପ୍ରଫେସର୍ କୁମରବର ଦାସ ଓ ସମ୍ମାନିତ ଅତିଥି ଭାବେ ପିଙ୍ଗୁଆ ମହାବିଦ୍ୟାଳୟର ଓଡ଼ିଆ ଭାଷା ସାହିତ୍ୟର ଅଧ୍ୟାପିକା ରଶ୍ମୀ ମହାନ୍ତି ଯୋଗଦେଇଥିଲେ । ମହାବିଦ୍ୟାଳୟ ପକ୍ଷରୁ ଆନ୍ତର୍ଜାତିକ ସ୍ତରର ସମାଜସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଇନରହ୍ୱିଲ କ୍ଲବର ୧୭ ଜଣ ସଦସ୍ୟାଙ୍କୁ ସମାଜର ସମ୍ବର୍ଦ୍ଧିତ କରାଯାଇଥିଲା । ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ ଓ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ ।

## ଯଖପୁରା ବିଦ୍ୟାଳୟର ଛାତ୍ର ସମ୍ମିଳନୀ

ଯଖପୁରା,୧୧।୩(ସମିସ): ଯଖପୁରା ଉଚ୍ଚ ବିଦ୍ୟାଳୟର ୧୯୯୨ ମାଟ୍ରିକ ବ୍ୟାଚ୍‌ର ପୂର୍ବତନ ଛାତ୍ରଛାତ୍ରୀଙ୍କ ଏକ ସମ୍ମିଳନୀ ଯାଜପୁର ରୋଡ୍ ସ୍ଥିତ ଐତିହାସିକ ବ୍ୟାସ ସରୋବର ପୀଠ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଦୀର୍ଘ ୩୪ ବର୍ଷ ପରେ ଛାତ୍ରଛାତ୍ରୀ ଏକାଠି ହୋଇ ନିଜର ସ୍ମୃତିଅନୁଭୂତି ବଖାଣିଥିଲେ । ଏହି ଅବସରରେ ଏକ ଆଲୋଚନାଚକ୍ର ମଧ୍ୟ ଅନୁଷ୍ଠିତ ହୋଇଥିଲା । 'ଆସ ଫେରିଯିବା ସେଇ ପିଲାଦିନକୁ' ଆହ୍ୱାନକୁ ଆଧାର କରି ଆୟୋଜିତ ଏହି କାର୍ଯ୍ୟକ୍ରମରେ ପୁରୁଣା ସାଙ୍ଗମାନେ ଏକାଠି ହୋଇ ଆନନ୍ଦ ନେଇଥିଲେ ।

# କୁସୁନପୁର ପାହାଡ଼ରେ ଶ୍ରମିକ ମୃତ

**ଘଟଣା ଚପାଇବାକୁ ଉଦ୍ୟମ**

କବାଟବନ୍ଧ,୧୧।୩(ସମିସ)



ଧର୍ମଶାଳା ବ୍ଲକ ଅନ୍ତର୍ଗତ ଜେନାପୁର ଥାନା ଅଧୀନ କୁସୁନପୁର ଜଙ୍ଗଲ କିସମ ପାହାଡ଼ରେ କାମ କରୁଥିବା ଜଣେ ଶ୍ରମିକଙ୍କ ଶୋଚନୀୟ ମୃତ୍ୟୁ ହୋଇଥିବା ଜଣାପଡିଛି । ଖବର ଜଣାପଡ଼ିବା ପରେ ପଥର ମାଫିଆମାନେ ନିଜକୁ ସୁରକ୍ଷିତ ରଖିବା ପାଇଁ ଛତ୍ରଭଙ୍ଗ ଦେବା ସହିତ ଘଟଣାକୁ ଚପାଇବାକୁ ଜୋରରେ ଉଦ୍ୟମ ଆରମ୍ଭ କରିଛନ୍ତି । ମୃତ ଶ୍ରମିକ ଜଣଙ୍କ ପଥର ଖାଦାନରେ ପରିବହନରେ ବ୍ୟବହାର ହେଉଥିବା ଟ୍ରାକ୍ଟରରେ ଯାଉଥିବା ସମୟରେ ଦୁର୍ଘଟଣା ଘଟି ମୃତ୍ୟୁ ହୋଇଥିବା ଜଣାପଡିଛି । ମିଳିଥିବା ସୂଚନା ଅନୁଯାୟୀ ମଙ୍ଗଳବାର ସକାଳେ ଜେନାପୁର ଥାନା ଅଧୀନ ତଥା କଟକ ଡିଭିଜନ ବୈରୀ ଡାଳିଯୋଡ଼ା ରେଞ୍ଜର ଗଡ଼ମଧୁପୁର ବନାଞ୍ଚଳର ସଂରକ୍ଷିତ ଜଙ୍ଗଲ କିସମ ପାହାଡ଼ରେ କଳାପଥର ମାଫିଆମାନେ ବେଆଇନ ଭାବେ କଳାପଥର ଉତ୍ତୋଳନ କରି ଟ୍ରାକ୍ଟର ଯୋଗେ ସ୍ଥାନୀୟ କ୍ରସରକୁ ପରିବହନ କରୁଥିଲେ । ମୃତ ଶ୍ରମିକ ଜଣଙ୍କ ସେହି ଟ୍ରାକ୍ଟରରେ କାମ କରୁଥିଲେ । କଳାପଥର ବୋଝେଇ କରି ଗାଡିଟି ଯାଉଥିବା ସମୟରେ ଭାରସାମ୍ୟ ହରାଇ ଓଲଟି ପଡ଼ିଥିଲା । ଫଳରେ ଶ୍ରମିକ ଜଣକ ଖସି ପଡ଼ି ଗୁରୁତର ହୋଇଥିଲେ । ତାଙ୍କ ମୁଣ୍ଡରୁ ପ୍ରବଳ ରକ୍ତସ୍ରାବ ହୋଇଥିବା ବେଳେ ଶ୍ରମିକ ଜଣଙ୍କ ସେହି ସ୍ଥାନରେ ହିଁ ମୃତ୍ୟୁବରଣ କରିଥିବା ଅନୁମାନ କରାଯାଇଥିଲା । ମାତ୍ର ମାଫିଆ ମାନେ ଏହାକୁ ସଡ଼କ ଦୁର୍ଘଟଣାର ରୂପ ଦେବା ପାଇଁ ତୁରନ୍ତ ଅଭିନବ ଉଦ୍ୟମ ଆରମ୍ଭ କରିଥିଲେ । ଘଟଣା ପ୍ରଚାର ହେବା ପୂର୍ବରୁ ଗୁରୁତର ଅବସ୍ଥାରେ ମୃତ ଶ୍ରମିକଙ୍କୁ ମେଡ଼ିକାଲ ନେଇଯାଇଥିଲେ । ଏହା ବ୍ୟତୀତ ଦୁର୍ଘଟଣାଗ୍ରସ୍ତ ଗାଡ଼ିକୁ ମାଫିଆ ମାନେ ଏକ ଜେସିବି ମେସିନ ସାହାଯ୍ୟରେ ଉକ୍ତ ସ୍ଥାନରୁ ନେଇ ଯାଇଥିବା ଜଣାପଡିଛି । ମୃତ ଶ୍ରମିକ ଜଣକ ଜେନାପୁର ଥାନା ଅନ୍ତର୍ଗତ କମାଗଡ଼ ଗ୍ରାମର କୈଳାସ ଭୂୟାଁଙ୍କ ପୁଅ ପଙ୍କଜ ଭୂୟାଁ ବୋଲି ଜଣାପଡ଼ିଛି । ଏହି ସମ୍ବେଦନଶୀଳ ଘଟଣାକୁ ମାଫିଆ ମାନେ ରଫାଦଫା କରିବାକୁ ଉଦ୍ୟମ କରୁଥିବା ଶୁଣିବାକୁ ମିଳୁଛି । କିଛି ପଥର ମାଫିଆ ମାନେ ଧର୍ମଶାଳା ମେଡ଼ିକାଲ ନିକଟରେ ଚକ୍କର କାଟୁଥିବା ମଧ ଦେଖିବାକୁ ମିଳିଥିଲା । ତେବେ ଏହି ଘଟଣାକୁ ନେଇ ପୁଲିସ କି ପ୍ରକାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି ଦେଖିବା ପାଇଁ ବାକି ରହିଥିବା ବେଳେ ପଥର ମାଫିଆ ମେଡ଼ିକାଲରେ ତାଙ୍କୁ ଛାଡ଼ି ଦେଇ ଅତି ତରବରିଆ ଭାବେ ପଳାଇ ଆସିବା ଘଟଣା କୁ ସହଜରେ ଗ୍ରହଣ କରାଯାଇ ପାରୁ ନାହିଁ । ଜେନାପୁର ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରିଛି ।

## ସ୍ୱାଧୀନତା ସଂଗ୍ରାମୀ ପରମାନନ୍ଦ ମହାନ୍ତିଙ୍କ ୧୧୦ତମ ଜୟନ୍ତୀ




କୁଆଖିଆ,୧୧।୩(ସମିସ): ରସୁଲପୁର ବ୍ଲକ୍ ସମ୍ମିଳନୀ କକ୍ଷରେ ସ୍ୱାଧୀନତା ସଂଗ୍ରାମୀ ତଥା ପୂର୍ବତନ ବିଧାୟକ ପରମାନନ୍ଦ ମହାନ୍ତିଙ୍କ ୧୧୦ତମ ଜୟନ୍ତୀ ଉତ୍ସବ କୁଆଖିଆ ପ୍ରେସ୍ କ୍ଲବ୍ ପକ୍ଷରୁ ପାଳିତ ହୋଇଯାଇଛି । ପ୍ରେସ୍ କ୍ଲବ୍‌ର ସଭାପତି ବିଶ୍ୱନାଥ ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଜୟନ୍ତୀ ଉତ୍ସବରେ ମୁଖ୍ୟଅତିଥି ଭାବେ ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ଘଡ଼ାଇ ଯୋଗ ଦେଇଥିଲେ । ମୁଖ୍ୟବକ୍ତା ଭାବେ ପୂର୍ବତନ ମନ୍ତ୍ରୀ ପଞ୍ଚାନନ କାନୁନ୍‌ଗୋ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଜିଲ୍ଲାପାଳ ଅମ୍ବର କୁମାର କର ଯୋଗଦେଇଥିଲେ । ସମ୍ମାନିତ ଅତିଥି ଭାବେ ପରମାନନ୍ଦ ବାବୁଙ୍କ ଜ୍ୟେଷ୍ଠ ପୁତ୍ର ଅଚ୍ୟୁତାନନ୍ଦ ମହାନ୍ତି ଯୋଗଦେଇଥିଲେ । ଏହି ଅବସରରେ ଅଧ୍ୟାପକ ବିରଞ୍ଚି ନାରାୟଣ ଦାସଙ୍କ ଦ୍ୱାରା ସଂକଳିତ ପୁସ୍ତକ 'ଗାନ୍ଧୀ ମଣିଷ ପରମାନନ୍ଦ'କୁ ଅତିଥିମାନେ ଉନ୍ମୋଚନ କରିଥିଲେ । ଚଳିତ ବର୍ଷ ପ୍ରେସ୍ କ୍ଲବ୍ ପକ୍ଷରୁ ପରମାନନ୍ଦ ସ୍ମୃତି ସମ୍ମାନ-୨୦୨୬ ଯୁବ ସମାଜସେବୀ ଜନ୍ମେଜୟ ସାହୁଙ୍କୁ ପ୍ରଦାନ କରାଯାଇଥିଲା । ପ୍ରେସ୍ କ୍ଲବ୍‌ର ଉପସଭାପତି କାଳନ୍ଦୀ ଚରଣ କଣ୍ଡ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ସମ୍ପାଦକ ପ୍ରଶାନ୍ତ କୁମାର ନାୟକ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ । ଏହି ସଭାରେ ଗୋକର୍ଣ୍ଣିକାର ସମ୍ପାଦକ ରମାକାନ୍ତ ଜେନା, ଉତ୍କଳ ସାମ୍ବାଦିକ ସଂଘର ରାଜ୍ୟ ସାଧାରଣ ସମ୍ପାଦକ ବେଣୁଧର ପଣ୍ଡା, ଧର୍ମଶାଳା ପ୍ରେସ୍ କ୍ଲବ୍‌ର ସଭାପତି ପୁର୍ଣ୍ଣଚନ୍ଦ୍ର ଶତପଥୀ, ସାଧାରଣ ସମ୍ପାଦକ ଅବିନେଶ୍ୱର ଶତପଥି, କୁଆଖିଆ ପ୍ରେସ୍ କ୍ଲବ୍‌ର ଉପଦେଷ୍ଟା ଅଧ୍ୟାପକ ପ୍ରକାଶ ରଥ ଓ ଅଞ୍ଜନ ପତି, ବରିଷ୍ଠ ସାଧାରଣ ସଭ୍ୟ ନିଗମାନନ୍ଦ ମହାନ୍ତି, ଅମୂଲ୍ୟ କୁମାର ପତି, ଆଲୋକ କୁମାର ପହି, ପଦ୍ମଲୋଚନ ନାୟକ, ସଞ୍ଜିବ ସାହୁ, ଅମୂଲ୍ୟ ବରାଳ, କୈଳାସ ଚନ୍ଦ୍ର ମଲିକ୍, ଶୁଭେନ୍ଦୁ ସାମଲ, ସୁନିଲ୍ ମନୋହର ସାମନ୍ତରାୟ ପ୍ରମୁଖ ଯୋଗଦେଇଥିଲେ । ପ୍ରେସ୍ କ୍ଲବ୍‌ର ପୂର୍ବତନ ସଭାପତି ତଥା ବରିଷ୍ଠ ସଭ୍ୟ କୈଳାସ ଚନ୍ଦ୍ର ରାଉତ ଧନ୍ୟବାଦ ଅର୍ପଣ କରିଥିଲେ ।

## ଇନରହ୍ୱିଲ କ୍ଲବ ପକ୍ଷରୁ ମହିଳା ଦିବସ



ଧର୍ମଶାଳା,୧୧।୩(ସମିସ): ଜାରକା ସ୍ଥିତ ଇନରହ୍ୱିଲ କ୍ଲବ ପକ୍ଷରୁ ମହିଳା ଦିବସ ସ୍ଥାନୀୟ ଧର୍ମଶାଳା ମହିଳା ମହାବିଦ୍ୟାଳୟ ପରିସରରେ ପାଳିତ ହୋଇଯାଇଛି । ସଭାନେତ୍ରୀ ଲୋପାମୁଦ୍ରା ଷେଣ୍ଢଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବରେ ଫକୀର ମୋହନ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ଡ. କୁମରବର ଦାସ ଯୋଗଦେଇ ଜୀବନରେ ମାର୍ଗ ଭୁଲ୍ ହୋଇଗଲେ ଲକ୍ଷ୍ୟ ମରୀଚିକା ପାଲଟିଯାଏ ବୋଲି କହିଥିଲେ । ମୁଖ୍ୟବକ୍ତା ଭାବରେ ପିଙ୍ଗୁଆ ଜଗନ୍ନାଥଜୀଉ କଲେଜର ଅଧ୍ୟାପିକା ରଶ୍ମିବାଳା ମହାନ୍ତି ଓ ସମ୍ମାନିତ ଅତିଥି ଭାବରେ ଧର୍ମଶାଳା ମହିଳା ଡିଗ୍ରୀ ମହାବିଦ୍ୟାଳୟର ଅଧ୍ୟକ୍ଷା ଡ. ଇନ୍ଦୁପ୍ରଭା ସାମଲ ଯୋଗଦେଇଥିଲେ । ଶକୁନ୍ତଳା ମହାନ୍ତି, ଶୁଭଲକ୍ଷ୍ମୀ କର ଓ ଅର୍ଚ୍ଚନା ସ୍ୱାଇଁ ପ୍ରମୁଖ ଯୋଗଦେଇଥିବା ଅତିଥିମାନଙ୍କ ସଂକ୍ଷିପ୍ତ ପରିଚୟ ପ୍ରଦାନ କରିଥିଲେ । ପିପି ମୀନତି ସାହୁ ସ୍ୱାଗତ ସଂଗୀତ ଓ ମାଧୁରୀ ଶତପଥୀ ଶ୍ଳୋକ ପାଠ କରିଥିଲେ । ଶେଷରେ ପୂର୍ବତନ ସଭାପତି କଳ୍ପନା ପରିଡ଼ା ଧନ୍ୟବାଦ୍ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ରୋଟାରୀ ଓ ଇନରହ୍ୱିଲ କ୍ଲବର ସଦସ୍ୟଙ୍କ ସମେତ ଛାତ୍ରୀମାନେ ଉପସ୍ଥିତ ଥିଲେ ।

**ଯାଜପୁର ଶିକ୍ଷା ବିଭାଗରେ ମହାଲୁଟ୍ ପ୍ରସଙ୍ଗ**

## ଜିଲ୍ଲାପାଳ ଦେଲେ କାର୍ଯ୍ୟାନୁଷ୍ଠାନ ନିର୍ଦ୍ଦେଶ

ଯାଜପୁର,୧୧।୩(ସମିସ): ଯାଜପୁର ଜିଲ୍ଲା କୋରେଇ ବ୍ଲକରେ ହୋଇଥିବା ଶିକ୍ଷା ବିଭାଗର ମହାଲୁଟ ଘଟଣାରେ ଦୁର୍ନୀତିଗ୍ରସ୍ତ ଅଧିକାରୀଙ୍କ ଭୂମିକା ଜଳଜଳ ହୋଇ ଦିଶୁଛି । କିନ୍ତୁ କାର୍ଯ୍ୟାନୁଷ୍ଠାନ ବେଳକୁ କାହିଁକି କୁଣ୍ଠ କୁଣ୍ଠ ବୋଲି ସାଧାରଣରେ ପ୍ରଶ୍ନ ଉଠିଛି । ଏ ନେଇ 'ସକାଳ'ରେ ଖବର ପ୍ରକାଶ ପାଇଥିବା ବେଳେ ଜିଲ୍ଲାପାଳ ଏ ନେଇ ଏକ ଜରୁରୀ ବୈଠକ ଡକାଇ ତୁରନ୍ତ ଏହା ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଥିବା ଜଣାପଡିଛି । କୋରେଇ ବିଇଓ ଅଫିସରେ ହୋଇଥିବା ଏହି କେଳେଙ୍କାରି ସମଗ୍ର ଶିକ୍ଷା ବିଭାଗକୁ ନିନ୍ଦିତ କରିଛି । ଏ ସଂପର୍କରେ ଖୋଦ ସ୍ପେଶାଲ ଅଡିଟରେ ଧରାପଡିଥିବା ବେଳେ ଏ ପର୍ଯ୍ୟନ୍ତ କୌଣସି ଜଣିଏ କର୍ମଚାରୀଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ହୋଇନାହିଁ । ଏହି ଦୁର୍ନୀତିରେ ପାଖାପାଖି ୫ କୋଟି ଟଙ୍କା ହଡ଼ପ ଅଭିଯୋଗ ହେବା ସହିତ ମାମଲା ସଂପର୍କରେ ଭିଜିଲାନ୍ସକୁ ଲିଖିତ ଅଭିଯୋଗ କରାଯାଇଛି । କିନ୍ତୁ ତଦନ୍ତର ଅଗ୍ରଗତି ସଂପର୍କରେ ସବିଶେଷ ରିପୋର୍ଟ ଜାଣିବାକୁ ଜିଲ୍ଲାପାଳ ଆଗ୍ରହ ପ୍ରକାଶ କରିଥିଲେ । ପ୍ରଥମେ ଏ ନେଇ କୋରେଇ ଥାନାରେ ଲିଖିତ ଅଭିଯୋଗ କରାଯାଇଥିଲେ ହେଁ ଏହି ଠକାମୀ ୧ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ହୋଇଥିବାରୁ ଏହାର ତଦନ୍ତ ଭିଜିଲାନ୍ସ ଦ୍ୱାରା କରାଯିବାର ନିୟମ ଥିବା ପୁଲିସ ପକ୍ଷରୁ ସଫେଇ ଦିଆଯାଇଥିଲା । ତେବେ ଏହି ଦୁର୍ନୀତିରେ କେଉଁ କେଉଁ ଅଧିକାରୀ ଓ କର୍ମଚାରୀଙ୍କ ସଂପୃକ୍ତି ରହିଛି ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ଆଜିର ଏହି ଜରୁରୀ ବୈଠକରେ ଉପଜିଲ୍ଲାପାଳ, ଜିଲ୍ଲାଶିକ୍ଷା ଅଧିକାରୀଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ମାନେ ଉପସ୍ଥିତ ଥିଲେ ।

**● ମା' କନକ ଦୁର୍ଗା ଭଲିବଲ୍ ଟୁର୍ଣ୍ଣାମେଣ୍ଟ**

## ଯାଜପୁରକୁ ହରାଇ ଖାନନଗର ଚାମ୍ପିଅନ

ବିଞ୍ଝାରପୁର,୧୧।୩(ସମିସ): ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ଫତେପୁରସ୍ଥିତ ବଂଶୀପୁର ଖେଳପଡ଼ିଆରେ ମା' କନକଦୁର୍ଗା କ୍ଲବ ଆନୁକୂଲ୍ୟରେ ଏକ ଦିବସୀୟ ଭଲିବଲ୍ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି । ଏହି ଟୁର୍ଣ୍ଣାମେଣ୍ଟରେ ୮ଟି ଭଲିବଲ ଟିମ୍ ଅଂଶ ଗ୍ରହଣ କରିଥିଲେ ।



ଶେଷରେ ଖାନନଗର ଏବଂ ଯାଜପୁର ମଧ୍ୟରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଥିବା ବେଳେ ଏହି ଟୁର୍ଣ୍ଣାମେଣ୍ଟକୁ ଖାନନଗର କ୍ଲବ ଯାଜପୁର କ୍ଲବକୁ ୧୫-୧୩ରେ ହରାଇ ଚାମ୍ପିଅନ ହୋଇଥିଲା । ଆୟୋଜକ ମା' କନକଦୁର୍ଗା କ୍ଲବ ପକ୍ଷରୁ ଚାମ୍ପିଅନ ଟିମକୁ ୫୦୦୦ ଟଙ୍କା ଆର୍ଥିକ ରାଶି ଏବଂ ରନର୍ସଅପ ଟିମକୁ ୩୦୦୦ ଟଙ୍କା ଆର୍ଥିକ ରାଶି ସହିତ ପୁରସ୍କୃତ କରାଯିବା ସହିତ ଟ୍ରଫି ପ୍ରଦାନ କରାଯାଇଥିଲା । ଟ୍ରଫି ପ୍ରଦାନ ଉତ୍ସବ କାର୍ଯ୍ୟକ୍ରମରେ ଅତିଥି ଭାବରେ ବରିଷ୍ଠ ସାମାଜିକ କର୍ମୀ ପଦ୍ମାକର ଗୁରୁ, ବିଷ୍ଣୁ ଚରଣ ବାରିକ, ଦଶରଥ ସାହୁ, ତପନ ନାୟକ, ପୂର୍ଣ୍ଣଚନ୍ଦ୍ର ପଣ୍ଡା, ନିରୋଦ କୁମାର ସାହୁ, ରମେଶ ସାହୁ ଯୋଗ ଦେଇ ପୁରସ୍କାର ପ୍ରଦାନ କରିଥିଲେ । ପୂର୍ବତନ ସେନା କର୍ମଚାରୀ ଅନିଲ ନାୟକ, ଶିକ୍ଷାବିତ ପ୍ରଭାତ ସାହୁ ଖେଳ ପରିଚାଳନା କରିଥିଲା ବେଳେ ଟୁର୍ଣ୍ଣାମେଣ୍ଟକୁ ଆଲୋକ କୁମାର ଦାସ ଓ ମା' କନକ ଦୁର୍ଗା ବ୍ଲକର ସଦସ୍ୟମାନେ ପରିଚାଳନା କରିଥଲେ ।

## ପାଣିକୋଇଲି ମିଳନ ଉତ୍ସବ ଉଦ୍‌ଯାପିତ

ପାଣିକୋଇଲି,୧୧।୩(ସମିସ)



ପାଣିକୋଇଲି ମେଳଣ କମିଟି ପକ୍ଷରୁ ଆୟୋଜିତ ୪୧ତମ ପାଣିକୋଇଲି ମିଳନ ଉତ୍ସବ ଉଦ୍‌ଯାପିତ ହୋଇଯାଇଛି । ଏହି ଉତ୍ସବରେ ୧୭ ଗୋଟି ବିମାନ ଅଂଶଗ୍ରହଣ କରିଥିଲେ । ପାଣିକୋଇଲି ଥାନପତି, ଅଳତିରି, ପଥରପଦା, କାଜିପାଟଣା ଆଦି ବିମାନ ସମ୍ମୁଖରେ ମଧ୍ୟରାତ୍ରରୁ ପ୍ରତିଷ୍ଠିତ ତଥା ସୁନାମଧନ୍ୟ କଣ୍ଠଶିଳ୍ପୀଙ୍କୁ ନେଇ ମେଲୋଡି ଓ ଭଜନ କାର୍ଯ୍ୟକ୍ରମ ଅନୁଷ୍ଠିତ କରାଯାଇଥିଲା । ଛୋଟରୁ ବଡ ବିଭିନ୍ନ ଦୋକାନ ମାନଙ୍କ ଭିଡ଼ ହୋଇଥିଲା । ଅଗ୍ରଣୀ ସ୍ୱେଚ୍ଛାସେବୀ ସଙ୍ଗଠନମାନଙ୍କ ପକ୍ଷରୁ ଜଳଛତ୍ର (ଦହିପଣା) କେନ୍ଦ୍ର ଖୋଲାଯାଇଥିଲା । ସବୁଠୁ ନିଆରା କାର୍ଯ୍ୟକ୍ରମ ପାଣିକୋଇଲି ମେଳଣର ରଙ୍ଗ ଅବିର ଖେଳ । ବିଶେଷକରି ଯୁବକ ଯୁବତୀମାନଙ୍କ ମଧ୍ୟରେ ଅବିର ଖେଳ ନିଆରା । ଭାଇଚାରାରେ ଏହି ଅବିର ଖେଳ ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ହୋଇଥାଏ । ପାଣିକୋଇଲି ବଜାରର ୪ ଦିଗରୁ ଅର୍ଥାତ୍ ପୂର୍ବ ଦିଗରୁ ପାଣିକୋଇଲି ଥାନପତି ଗୋପିନାଥଜୀଉ, ପଶ୍ଚିମ ଦିଗରୁ କାଜିପାଟଣା ରାଧାକାନ୍ତଜୀଉ, ଉତ୍ତର ଦିଗରୁ ପଥରପଦା ମଦନମୋହନଜୀଉ ଓ ଦକ୍ଷିଣ ଦିଗରୁ ଅଳତିରି ରାଧାକାନ୍ତଜୀଉ ସଂକୀର୍ତ୍ତନ ମାଧ୍ୟମରେ ବିଜେ କରିଥିଲେ । ଚାରି ଠାକୁରଙ୍କ ସମେତ ସମସ୍ତ ବିମାନ ତାରିଣୀ ମନ୍ଦିର ସମ୍ମୁଖରେ ପହଞ୍ଚିବା ପରେ କମିଟି ପକ୍ଷରୁ ପୂଜାର୍ଚ୍ଚନା କରାଯାଇ ଭୋଗ ଲାଗି କରାଯାଇଥିଲା । ଏହି ମିଳନ ଉତ୍ସବରେ ଥାନପତି ଗୋପିନାଥଜୀଉ ପାଣିକୋଇଲି, ରାଧାବୃନ୍ଦାବନଜୀଉ, ଅଳତିରି, ରାଧାକୃଷ୍ଣଜୀଉ କାଜିପାଟଣା, ମଦନମୋହନଜୀଉ ପଥରପଦା, ଦୋଳଗୋବିନ୍ଦଜୀୟୁ ନମିଟିକରି, ରାଧାଗୋବିନ୍ଦଜୀଉ ମଲପଡ଼ା ଶାସନ, ରାଧାମୋହନଜୀଉ ଜହଳ, ମଦନମୋହନଜୀଉ କଣିପାଟିଆ, ରାଧାଶ୍ୟାମସୁନ୍ଦରଜୀଉ ବନ୍ତ ମିର୍ଜ୍ଜାପୁର, ରାଧା ଗୋବିନ୍ଦଜୀଉ ମଲପଡା ଶାସନ, ରାଧାକୃଷ୍ଣଜୀଉ ଜହଳ, କୃଷ୍ଣଚନ୍ଦ୍ରଜୀଉ ପ୍ରଥମା ଖଣ୍ଡି, ଗୋପାଳପୁର ଗୌଡସାହି, ଚକା ଗୋପାଳପୁର, ରାଧାକୃଷ୍ଣଜୀଉ ଠେଙ୍ଗିଆ ମଠ, କଣିପାଟିଆ, ବଙ୍ଗାଳୀ ସାହି, ରାଧାକୃଷ୍ଣଜୀଉ ଜାବରା ପ୍ରମୁଖ ଯୋଗଦାନ କରିଥିଲେ । ଏହି ମିଳନ କାର୍ଯ୍ୟକ୍ରମକୁ କାର୍ତ୍ତିକ ଚନ୍ଦ୍ର ପଣ୍ଡା, ସୂର୍ଯ୍ୟମଣି ପଣ୍ଡା, ମଦନମୋହନ ବେହେରା, ଶ୍ୟାମସୁନ୍ଦର ବାରିକ, ଶ୍ରୀଧର ଦାସ ପ୍ରମୁଖ ପରିଚାଳନା କରିଥିବା ବେଳେ କମିଟି ପକ୍ଷରୁ ସଭାପତି ଘନଶ୍ୟାମ ପଣ୍ଡା, ସମ୍ପାଦକ ଅଜୟ ମଲ୍ଲିକ, ଅଦୈତ ଚରଣ ଦାଶ, ପିତବାସ ବେହେରା, ନିମାଇଁ ମଲ୍ଲିକ, କାର୍ତ୍ତିକ ମଲ୍ଲିକ, ଅଶୋକ ପଣ୍ଡା, ଗଣେଶ ମଲ୍ଲିକ, ରଘୁନାଥ ମାଝୀ, ଶ୍ୟାମ ସୁନ୍ଦର ସାମଲ, ବୃନ୍ଦାବନ ମହାକୁଡ, ସେମାନାଥ ନାୟକ, ପଙ୍କଜ ଧଳ, ନାରାୟଣ ଦଳାଇ, ବିନାୟକ ପଣ୍ଡା, ଦେବଦତ ପଣ୍ଡା, ବେଣୁଧର ଖଣ୍ଡାଇ, ବିଜନ ଧଳଙ୍କ ସମେତ ସମସ୍ତ ସଦସ୍ୟ ସହଯୋଗ କରିଥିଲେ । ପାଣିକୋଇଲି ପୁଲିସ ପକ୍ଷରୁ ଥାନାଧିକାରୀ ରଞ୍ଜିତ ମହାନ୍ତିଙ୍କ ନେତୃତ୍ୱରେ ଶାନ୍ତିଶୃଙ୍ଖଳା ରକ୍ଷା ନିମନ୍ତେ ବ୍ୟାପକ ବନ୍ଦୋବସ୍ତ କରାଯାଇଥିଲା । ମେଳଣ ଅଧାରୁ ଅର୍ଥାତ୍ ପରୀକ୍ଷା ପାଇଁ ପୁଲିସ ପ୍ରଶାସନ ପକ୍ଷରୁ ସାଢେ ୭ଟାରୁ ସାଢେ ୯ଟା ପର୍ଯ୍ୟନ୍ତ ଡାକବାଜି ଯନ୍ତ୍ର ବନ୍ଦ କରାଯାଇଥିଲା ।

## ବାରୁଣୀ ମେଳା ଆୟୋଜନ ପାଇଁ ପ୍ରସ୍ତୁତି ବୈଠକ

ଯାଜପୁର,୧୧।୩(ସମିସ): ଯାଜପୁର ଜିଲ୍ଲାର ଐତିହାସିକ ବୈତରଣୀ ନଦୀ ତଟସ୍ଥ ଦଶାଶ୍ୱମେଧ ଘାଟର ଉଭୟ ପାର୍ଶ୍ୱରେ ଆୟୋଜିତ ହେବାକୁ ଥିବା ପବିତ୍ର ବାରୁଣୀ ସ୍ନାନ ମେଳାର ଆୟୋଜନ ଓ ସୁପରିଚାଳନା ନିମନ୍ତେ ଆଜି ଜିଲ୍ଲାପାଳ ଅମ୍ବର କୁମାର କରଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ବିରଜା ପଞ୍ଜିକା ଅନୁସାରେ ମାର୍ଚ୍ଚ ୧୭ରେ ଆୟୋଜିତ ହେବାକୁ ଥିବା ପବିତ୍ର ବାରୁଣୀ ସ୍ନାନ ଅବସରରେ ଭକ୍ତମାନଙ୍କ ବିପୁଳ ଭିଡ଼କୁ ଦୃଷ୍ଟିରେ ରଖି ଜିଲ୍ଲା ପ୍ରଶାସନ ଓ ପୁଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ସମ୍ବନ୍ଧରେ ସବିଶେଷ ଆଲୋଚନା କରାଯାଇଥିଲା । ଏଥିରେ ପ୍ରାୟ ୩୦ ହଜାରରୁ ଊର୍ଦ୍ଧ୍ୱ ଭକ୍ତଙ୍କ ସମାଗମ ହେବ ବୋଲି ଆକଳନ କରାଯାଉଛି । ଏହି ପରିପ୍ରେକ୍ଷୀରେ ଜିଲ୍ଲାପାଳ ସ୍ନାନଘାଟରେ ବ୍ୟାରିକେଡିଂ, ଆଲୋକୀକରଣ, ପାନୀୟ ଜଳ ଯୋଗାଣ, ଶୌଚାଳୟ ବ୍ୟବସ୍ଥା, ଆଶୁ ଆରୋଗ୍ୟ କେନ୍ଦ୍ର, ଆମ୍ବୁଲାନ୍ସ ସେବା ଏବଂ ଅଘଟଣ ପ୍ରତିରୋଧ ପାଇଁ ଯନ୍ତ୍ରଚାଳିତ ଡଙ୍ଗା ବ୍ୟବସ୍ଥା ସହ ବିଭିନ୍ନ ମୌଳିକ ସୁବିଧା ସୁନିଶ୍ଚିତ କରିବା ପାଇଁ ସମ୍ବନ୍ଧିତ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ବାରୁଣୀ ମେଳା ପରିସରରେ ସୂଚନା ଏବଂ ଲୋକସମ୍ପର୍କ ବିଭାଗ ପକ୍ଷରୁ ଏକ ସୂଚନା କେନ୍ଦ୍ର ମଧ୍ୟ ରହିବ । ଏହା ସହ ଭକ୍ତମାନଙ୍କ ଭିଡ଼କୁ ଦୃଷ୍ଟିରେ ରଖି ପୁଲିସ ପ୍ରଶାସନ ପକ୍ଷରୁ ଜନସାଧାରଣଙ୍କ ଧନଜୀବନ ସୁରକ୍ଷା ଓ ଆଇନ ଶୃଙ୍ଖଳା ବଜାୟ ରଖିବା ପାଇଁ ବ୍ୟାପକ ପୋଲିସ ମୁତୟନ ସହ ଟ୍ରାଫିକ ନିୟନ୍ତ୍ରଣ ଓ ଯାନବାହନ ପାର୍କିଂ ବ୍ୟବସ୍ଥାକୁ ସୁଚାରୁ ରୂପେ ପରିଚାଳନା କରିବା ଉପରେ ବିଶେଷ ଗୁରୁତ୍ୱ ଦେବାକୁ ମଧ୍ୟ ନିର୍ଦ୍ଦେଶ ଦେଇଥିଲେ । ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାଏକ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଦେବୀ ପ୍ରସାଦ ମହାନ୍ତି,



ଯାଜପୁର ପୌର ପରିଷଦର ଅଧ୍ୟକ୍ଷା ରଞ୍ଜୁଲତା ହୋତା ଓ ଉପାଧ୍ୟକ୍ଷ ସନ୍ତୋଷ କୁମାର ମଲ୍ଲିକ, ଉପଖଣ୍ଡ ଆରକ୍ଷୀ ଅଧିକାରୀ ପ୍ରଶାନ୍ତ ମାଝୀ, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ବିଜୟ କୁମାର ମିଶ୍ର, ଜିଲ୍ଲା ସୂଚନା ଏବଂ ଲୋକ ସମ୍ପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ, ଯାଜପୁର ପୌର ପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ ଲକ୍ଷ୍ମୀଧର ରାଉତ, ଅଧିକ୍ଷଣ ଯନ୍ତ୍ରୀ, ଯାଜପୁର ଆଇଆଇସି, ଅଗ୍ନିଶମ ଅଧିକାରୀ ଏବଂ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

### ଆସୁଛି ଗ୍ରୀଷ୍ମ ପ୍ରବାହ; 'ବସୁଧା' ଯୋଜନାର ସଫଳ ରୂପାୟଣକୁ ନେଇ ପ୍ରଶ୍ନବାଚୀ

# ପାଇପ୍ ବିଛା, ଟାଙ୍କି ନିର୍ମାଣ ଓ ଘରତୋଳାରେ ସୀମିତ ପ୍ରକଳ୍ପ



ବନ୍ତ/ଆଗରପଡ଼ା,୧୧।୩(ସମିସ): ସରକାର ୨୦୨୪ରେ ଗ୍ରାମାଞ୍ଚଳର ଲୋକଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇଦେବା ପାଇଁ ଯୋଜନା କରିଥିବାବେଳେ ୨୦୨୬ ମାର୍ଚ୍ଚ ମାସ ଅଧା ହୋଇଗଲା କିନ୍ତୁ ବିଭାଗୀୟ ଅଧିକାରୀଙ୍କ କାର୍ଯ୍ୟପନ୍ଥାକୁ ନଜରକୁ ନେଲେ ଏହାର ସଫଳ ରୂପାୟଣ ପ୍ରତି ପ୍ରଶ୍ନବାଚୀ ସୃଷ୍ଟି ହେଉଛି। ଏହିପରି ଦୃଷ୍ଟାନ୍ତ ଦେଖିବାକୁ ମିଳିଛି ଭଦ୍ରକ ଜିଲ୍ଲା ବନ୍ତ

### ପ୍ରକଳ୍ପ ଥାଇ ମଧ୍ୟ ଲୋକଙ୍କ ଶୋଷ ମେଣ୍ଟୁନି

ବ୍ଲକ୍‌ରେ। ବନ୍ତ ବ୍ଲକ୍‌ର ୨୫ଟି ପଞ୍ଚାୟତର ବିଭିନ୍ନ ଗ୍ରାମରେ ଉକ୍ତ ପ୍ରକଳ୍ପ ନିର୍ମାଣ ହୋଇଛି ଏବଂ ହେଉଛି ମଧ୍ୟ। ନିର୍ମାଣ ସରିଥିବା ବିଭିନ୍ନ ଗ୍ରାମରେ ଜଳ ଯୋଗାଣ ଆରମ୍ଭରୁ ଆଣ୍ଠେଇ ପଡ଼ିଥିବା ଜଣାପଡ଼ିଛି। କେବଳ ପାଇପ୍ ବିଛା, ଟାଙ୍କି ନିର୍ମାଣ ଓ ଘରତୋଳାରେ ସୀମିତ ରହିଯାଇଛି ପ୍ରକଳ୍ପ। ସରକାରୀ ଅନୁଦାନରେ ଯେକୌଣସି କାର୍ଯ୍ୟ ଆରମ୍ଭ ହେବା ପୂର୍ବରୁ କାର୍ଯ୍ୟସ୍ଥଳୀ ନିକଟରେ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ସୂଚନାଫଳକ ନିର୍ମାଣ କରି ସେଥିରେ ସବିଶେଷ ସୂଚନା ଲେଖାଯିବାର ନିୟମ ଥିଲେ ସୁଦ୍ଧା ବନ୍ତ ବ୍ଲକ୍‌ର ବିଭିନ୍ନ ପଞ୍ଚାୟତରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳୁଛି। ଆର୍‌ଡବ୍ଲ୍ୟୁଏସ୍‌ଏସ୍ ମାଧ୍ୟମରେ ରାଜ୍ୟ ପଞ୍ଚାୟତିରାଜ ଓ ପାନୀୟ ଜଳ ଯୋଗାଣ ବିଭାଗ ଅଧୀନରେ 'ବସୁଧା' ଯୋଜନାରେ ଗ୍ରାମାଞ୍ଚଳରେ ପାନୀୟ ଜଳ ଯୋଗାଇଦେବା ଉଦ୍ଦେଶ୍ୟରେ କୋଟିକୋଟି ଟଙ୍କାରେ ନିର୍ମିତ ପ୍ରକଳ୍ପ ବର୍ତ୍ତମାନ ଫେଲ୍ ମାରିଛି।

ବନ୍ତ ବ୍ଲକ୍ ସଦର ମହକୁମାରେ ଦୁଇଟି ପାଣି ଟାଙ୍କି ସହ ପମ୍ପ୍ ହାଉସ୍ ନିର୍ମାଣ ହୋଇଛି। ଗ୍ରୀଷ୍ମ ଋତୁ ଆରମ୍ଭରୁ ଉକ୍ତ ଟାଙ୍କିଗୁଡ଼ିକରେ ରଙ୍ଗ ମାରି ଅଧିକ ଆକର୍ଷଣୀୟ କରାଯାଉଛି। ହେଲେ ଯୋଜନାର ସଫଳତା ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଉଛି। ଉକ୍ତ ପାଣି ଟାଙ୍କିରୁ ତହସିଲ୍ କାର୍ଯ୍ୟାଳୟ ସମେତ ଉପନିବନ୍ଧକ କାର୍ଯ୍ୟାଳୟ, ଦୁଇ ଉଚ୍ଚ ବିଦ୍ୟାଳୟ ମହତାବ ଉ.ପ୍ରା. ବିଦ୍ୟାଳୟ ବ୍ଲକ୍ କାର୍ଯ୍ୟାଳୟ ବନ୍ତ ବଜାର ସମେତ ପୁରୁଷୋତ୍ତମପୁର, ଦୁର୍ଗାପୁର, ଧନୀଓଝା ଆଦି ଗାଁକୁ ଜଳ ଯୋଗାଣ ବ୍ୟବସ୍ଥା ହୋଇଛି। ହେଲେ ପ୍ରକଳ୍ପ କାର୍ଯ୍ୟକ୍ଷମ ହେଉ ନ ଥିବାରୁ କେଉଁ କାଳରୁ ନିର୍ମାଣ ହୋଇଥିବା ଟ୍ୟାପ୍‌ଗୁଡ଼ିକ ନଷ୍ଟ ହେବାକୁ ବସିଛି। କାଦବରାଙ୍ଗ, ବଡ଼ବର୍ଚ୍ଛିକୟାଁ, ଓଡ଼ଙ୍ଗ, ଚାରିଗାଁ, ବିଟିପୁର, ବଡ଼ମହିଁଷଗୋଠ, ମହାନ୍ତିପଡ଼ା ଏହିପରି ବିଭିନ୍ନ ପଞ୍ଚାୟତରେ 'ବସୁଧା' ଯୋଜନାରେ ନିର୍ମିତ ଜଳ ଯୋଗାଣ ପ୍ରକଳ୍ପ ଲୋକଙ୍କ କାମରେ ଆସିପାରୁନାହିଁ। ଗୋଟେ ଗୋଟେ ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ପ୍ରକଳ୍ପ ୧୩୫.୯୫ ଲକ୍ଷ ଅଟକଳ ମୂଲ୍ୟରେ ନିର୍ମିତ ହୋଇଥିବାବେଳେ ଠିକାଦାରଙ୍କ ମନମୁଖି କାର୍ଯ୍ୟ ଓ ଠିକାଦାର ଏବଂ ଯନ୍ତ୍ରୀଙ୍କ ସଲାସୁତରାରୁ ପ୍ରକଳ୍ପର ସଫଳ ରୂପାୟଣ ହେବା ପରିବର୍ତ୍ତେ ଅର୍ଥ ଚଳୁ ହୋଇଯାଉଛି। ନିର୍ମାଣ କାର୍ଯ୍ୟ ନିମ୍ନମାନର ହୋଇଥିବାରୁ ବିଭିନ୍ନ ସ୍ଥାନରୁ ପାଇପ୍ ଫାଟି ପାଣି ବୋହିବା ସହ ବହୁ ଜାଗାରେ ପାଣି ପହଞ୍ଚିପାରୁନି। ଏହି ସବୁ କାରଣରୁ ଅଞ୍ଚଳବାସୀ ବିଶୁଦ୍ଧ ପାନୀୟ ଜଳ ପାଇବା ନେଇ ସନ୍ଦିହାନ ହୋଇପଡ଼ିଛନ୍ତି।

ସେହିପରି କାର୍ଯ୍ୟ ଆରମ୍ଭ ପୂର୍ବରୁ କାର୍ଯ୍ୟସ୍ଥଳୀ ନିକଟରେ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ସୂଚନାଫଳକ ନିର୍ମାଣ କରି ସେଥିରେ ସବିଶେଷ ସୂଚନା ଲେଖାଯିବାର ନିୟମ ଥିଲେ ସୁଦ୍ଧା ବନ୍ତ ବ୍ଲକ୍‌ର ବିଭିନ୍ନ ପଞ୍ଚାୟତରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳୁଛି। ଯେପରି ବଡ଼ବର୍ଚ୍ଛିକୟାଁ ପଞ୍ଚାୟତ ଅନ୍ତର୍ଗତ ବିଶଲକଣା ଗ୍ରାମରେ ନିର୍ମିତ ପ୍ରକଳ୍ପଠାରେ ବିନା ସୂଚନାଫଳକରେ ପ୍ରକଳ୍ପ ନିର୍ମିତ ହୋଇଥିବାବେଳେ କାଦବରାଙ୍ଗ ପଞ୍ଚାୟତଠାରେ ନିର୍ମାଣ କାମ ସରିବାକୁ ବସିଥିବାବେଳେ ଆଜି ପର୍ଯ୍ୟନ୍ତ ଫଳକ ଲାଗିପାରି ନାହିଁ। ତେଣୁ ପାଇପ୍ ବିଛା, ଟାଙ୍କି ନିର୍ମାଣ ଓ ଘରତୋଳାରେ ପ୍ରକଳ୍ପ ସୀମିତ ରହିଯିବ ବୋଲି ଅଭିଯୋଗ ହେଉଛି। ଲକ୍ଷାଧିକ ଟଙ୍କାରେ ନିର୍ମିତ ପ୍ରକଳ୍ପକୁ ପ୍ରହସନରେ ପରିଣତ ନ କରି ନିର୍ମିତ ପ୍ରକଳ୍ପଗୁଡ଼ିକର ପୁନଃ ତଦାରଖ କରିବା ଏବଂ ନିର୍ମାଣାଧୀନ ପ୍ରକଳ୍ପଗୁଡ଼ିକର କାର୍ଯ୍ୟ ଠିକ୍ ଭାବେ କରିବା ସହ ବିଭାଗୀୟ ଉଚ୍ଚପଦସ୍ଥ ଅଧିକାରୀ ଯୋଜନାର ସଫଳ ରୂପାୟଣ କରିବାକୁ ଚେଷ୍ଟିତ ହେବାକୁ ଗ୍ରାମବାସୀମାନଙ୍କ ସମେତ ବୁଦ୍ଧିଜୀବୀ ମହଲରେ ଦାବି ହୋଇଛି।

# ପାନୀୟ ଜଳରୁ ବଞ୍ଚିତ ଭଣ୍ଡାରିପୋଖରୀବାସୀ



ବାରିକପୁର,୧୧।୩(ସମିସ): ପଞ୍ଚାୟତ ଅଧୀନ ଗାଁ ଗହଳିରେ ପାନୀୟ ଜଳ ଯୋଗାଣ ପାଇଁ ଲକ୍ଷ ଲକ୍ଷ ଟଙ୍କା ବାର୍ଷିକ ବିଦ୍ୟୁତ୍ ବିଲ୍ ପୈଠ ହେଉଛି। ମେଗା ପାନୀୟ ଜଳ ପ୍ରକଳ୍ପ, ବୃହତ୍ ପାଣି ଟାଙ୍କି ନିର୍ମାଣ, ପାଇପ୍ ବିଛା ଓ ଟ୍ୟାପ୍ ନିର୍ମିତ ହୋଇଥିଲେ ସୁଦ୍ଧା ବର୍ଷ ବର୍ଷ ଧରି ଭଣ୍ଡାରିପୋଖରୀବାସୀ ପାଇପ୍ ଯୋଗେ ପାନୀୟ ଜଳ ପାଇବାରୁ ବଞ୍ଚିତ ହୋଇଛନ୍ତି। ଆଗକୁ ଗ୍ରୀଷ୍ମ ପ୍ରବାହ ଆରମ୍ଭ ହେବାକୁ ଯାଉଥିବାବେଳେ ପାନୀୟ ଜଳର ଉତ୍କଟ ସମସ୍ୟା ଦେଖିବାକୁ ମିଳିଛି ବ୍ଲକ୍‌ର ୨୩ଟି ପଞ୍ଚାୟତ ଅଞ୍ଚଳରେ। ଡହଡହ ଖରା ଓ ତାତିରେ ମଧ୍ୟ ଶୁଦ୍ଧ ପାଇପ୍ ଜଳ ଟିକିଏ ପାଇବା ସ୍ୱପ୍ନ ପାଲଟିଯିବ ଏଥିରେ ସନ୍ଦେହ ନାହିଁ।

ସୂଚନା ଅନୁଯାୟୀ, ବ୍ଲକ୍‌ବାସୀଙ୍କୁ ଶୁଦ୍ଧ ପାନୀୟ ଜଳ ଯୋଗାଣ ପାଇଁ ସରକାର ୨୦୧୬ରେ ଆଖୁଆପଦା ବୈତରଣୀ ନଦୀରେ ମେଗା ପାନୀୟ ଜଳ ପ୍ରକଳ୍ପ ନିର୍ମାଣ କରିଥିଲେ। ନଦୀକୂଳରେ ଜଳ ପ୍ରକଳ୍ପ ଗୃହ ନିର୍ମାଣ ସହିତ ବିଭିନ୍ନ ଅଞ୍ଚଳକୁ ପାଇପ୍ ବିଛା ସରିଥିଲେ ସୁଦ୍ଧା ଲୋକମାନେ କିନ୍ତୁ ଏଯାଏଁ ଶୁଦ୍ଧ ପାନୀୟ ଜଳ ପାଇପାରି ନାହାନ୍ତି। ପାନୀୟ ଜଳ ଯୋଗାଣ ପାଇଁ ପରିଚାଳନା ଦାୟିତ୍ୱ ନିର୍ବାହ କରୁଥିବା କମ୍ପାନୀ ଦୈନିକ କିଛି ଅଞ୍ଚଳକୁ ପାଇପ୍ ଯୋଗେ ପାଣି ଛାଡୁଥିବାବେଳେ ତାହା ଲୋକଙ୍କ ନିକଟରେ ପହଞ୍ଚୁନାହିଁ। ସବୁଠି ପାଇପ୍ ଫାଟି ପାଣି ନଈ ନାଳରେ ବୋହିଯାଉଛି। ଯାହା କେବଳ କିଛି ବୁଲା ଗାଈଗୋରୁ ଉପକୃତ ହେଉଥିବାବେଳେ ନିକଟବର୍ତ୍ତୀ ଗାଁର ଛୋଟ ପିଲା ମଧ୍ୟ ଫାଟିଥିବା ପାଇପ୍ ପାଣିରେ ମଜା ନେଉଛନ୍ତି। ସଦାସର୍ବଦା ମରାମତି ଓ ନୂତନ ନିର୍ମାଣ ନାଁରେ ଲକ୍ଷାଧିକ ଟଙ୍କା ବ୍ୟୟ ହେଉଥିଲେ ମଧ୍ୟ ପାଣି କିନ୍ତୁ ଲୋକଙ୍କ ନିକଟରେ ପହଞ୍ଚିନାହିଁ। ଏହାଛଡ଼ା ଭଦ୍ରକ ଗ୍ରାମ୍ୟ ଜଳଯୋଗାଣ ବିଭାଗ ପକ୍ଷରୁ ପ୍ରତ୍ୟେକ ପଞ୍ଚାୟତରେ କ୍ଷୁଦ୍ର ଏବଂ ମଧ୍ୟମ ଜଳ ପ୍ରକଳ୍ପମାନ ନିର୍ମାଣ ହୋଇଥିଲେ ସୁଦ୍ଧା ତାହା କେବଳ ଠିକାଦାର ପୋଷଣ ପାଇଁ ପ୍ରଯୁଜ୍ୟ ହୋଇଛି। ପ୍ରତ୍ୟେକ ବର୍ଷ ବୃହତ୍ ପାଣି ଟାଙ୍କି ନିର୍ମାଣ ଓ ପାଇପ୍ ବିଛାଣରେ ସତେ ଯେମିତି ପାନୀୟ ଜଳ ଯୋଗାଣ ପ୍ରକଳ୍ପର କାର୍ଯ୍ୟ ସୀମିତ ରହୁଛି। ଏପଟେ ସମସ୍ତେ ପାନୀୟ ଜଳ ପାଉଛନ୍ତି ବୋଲି ସରକାରଙ୍କ ନିକଟରେ ବିଭାଗ ବର୍ଷକୁ ବର୍ଷ ମିଥ୍ୟା ସତ୍ୟପାଠ ଦାଖଲ କରୁଛନ୍ତି। ଯାହା ଫଳରେ ପଞ୍ଚାୟତରୁ ବିଦ୍ୟୁତ୍ ବିତରଣ କମ୍ପାନୀ ପ୍ରତ୍ୟେକ ବର୍ଷ ଲକ୍ଷ ଲକ୍ଷ ଟଙ୍କା ବିଜୁଳି ବିଲ୍ ଆଦାୟ କରୁଛି। ବିଭାଗୀୟ କନିଷ୍ଠ ଯନ୍ତ୍ରୀ, ସହକାରୀ ଯନ୍ତ୍ରୀ ଓ ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟଦକ୍ଷତା ଅଭାବରୁ ବ୍ଲକ୍‌ର ଦେଢ଼ ଲକ୍ଷ ଲୋକ ଏଯାଏଁ ପାଇପ୍ ଯୋଗେ ବିଶୁଦ୍ଧ ପାନୀୟ ଜଳ ପାଇପାରି ନାହାନ୍ତି। ଆଜି ସୁଦ୍ଧା ନଳକୂଅ ଯୋଗେ ଜନସାଧାରଣ ତୃଷ୍ଣା ମେଣ୍ଟାଇବା ଦେଖିବାକୁ ମିଳିଛି। ସବୁଠାରୁ ଆଶ୍ଚର୍ଯ୍ୟର କଥା ହେଲା ଜଳଯୋଗାଣ ପାଇଁ କିଛି ପୁରୁଣା ନିର୍ମାଣ ଏବେ ମାଟିରେ ମିଶିଯାଇଛି। ଏହାଛଡ଼ା ମେଗା ପ୍ରକଳ୍ପ ମଧ୍ୟ ଏଯାଏଁ କାର୍ଯ୍ୟକ୍ଷମ ହୋଇନାହିଁ। ଏପରିସ୍ଥଳେ ଲୋକେ ସୁଦ୍ଧ ପାନୀୟ ଜଳ ପାଇବା ସ୍ୱପ୍ନ ପାଲଟିଛି। ଏନେଇ ପଞ୍ଚାୟତ ସମିତିଠାରୁ ଆରମ୍ଭ କରି ଜିଲ୍ଲାପାଳଙ୍କ ଜନ ଅଭିଯୋଗ ଶୁଣାଣି ଶିବିରରେ ବାରମ୍ବାର ଆପତ୍ତି ଅଭିଯୋଗ ହୋଇଥିଲେ ସୁଦ୍ଧା ଅବସ୍ଥା ଯଥା ପୂର୍ବଂ ତଥା ପରଂ ଭଳି ରହିଛି। ତେଣୁ ଏହା ଉପରେ ଜିଲ୍ଲାପାଳଙ୍କ ସମେତ ବିଭାଗୀୟ ମନ୍ତ୍ରୀ ଦୃଷ୍ଟି ଦେବାକୁ ଦାବି ହୋଇଛି।

## ଉତ୍କଳ ସାମ୍ବାଦିକ ସଂଘ ପକ୍ଷରୁ ରକ୍ତଦାନ ଶିବିର

ଭଦ୍ରକ,୧୧।୩(ସମିସ): ରାଜ୍ୟର ସର୍ବପୁରାତନ ସାମ୍ବାଦିକ ସଂଘ ଉତ୍କଳ ସାମ୍ବାଦିକ ସଂଘ ପକ୍ଷରୁ ବୁଧବାର ଭଦ୍ରକ ବ୍ଲଡ୍ ବ୍ୟାଙ୍କ ପରିସରରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟକ ଭାବେ ଭଦ୍ରକ ଏସ୍‌ପି ମନୋଜ କୁମାର ରାଉତ, ମୁଖ୍ୟଅତିଥି ଭାବେ ରାଜ୍ୟ ସଭାପତି ରୋ.ବିଭୂତିଭୂଷଣ କର, ବରେଣ୍ୟ ଅତିଥି ଭାବେ ବୌଦ୍ଧ ଜିଲ୍ଲାର ପ୍ରାକ୍ତନ ଜିଲ୍ଲାପାଳ ମୋହନପ୍ରସାଦ ମିଶ୍ର, ସମ୍ମାନିତ ଅତିଥି ଭାବେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ପ୍ରମୋଦ ପ୍ରହରାଜ, ସମାଜସେବୀ ଅଶୋକ କୁମାର ମହାନ୍ତି, ଜିଲ୍ଲା ସଭାପତି ରବିନାରାୟଣ ଖିଲାର, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅପୂର୍ବ ରଞ୍ଜନ ବେହେରା, ଜିଲ୍ଲା ସମ୍ପାଦକ ଆଶିଷ ଅମିତାଭ ମହାପାତ୍ର ପ୍ରମୁଖ ଯୋଗଦେଇ କହିଲେ ଉତ୍କଳ ସାମ୍ବାଦିକ ସଂଘ ଜିଲ୍ଲାରେ ବହୁ ସମାଜସେବା କାର୍ଯ୍ୟ କରୁଛି। ପ୍ରତିବର୍ଷ ରକ୍ତଦାନ ଭଳି ମହତ୍ କାର୍ଯ୍ୟ କରିବା ସହିତ ବୃକ୍ଷରୋପଣ, ପବିତ୍ର ଜାଗର ଯାତ୍ରାରେ ଭକ୍ତଙ୍କୁ ଦହି ସର୍ବତ ବଣ୍ଟନ ଭଳି ମହାନ୍ କାର୍ଯ୍ୟ କରୁଛି ଯାହାକି ଜନସାଧାରଣଙ୍କର ପ୍ରିୟଭାଜନ ହୋଇପାରିଛି। ଏହି କାର୍ଯ୍ୟକ୍ରମରେ ସାମ୍ବାଦିକ ସଞ୍ଜୀବ ନାୟକ, ରାମନାରାୟଣ ମହାନ୍ତି, ଅମର ନାୟକ, ସୁଜୟ ପାକଳ, ସନ୍ତୋଷ କୁମାର ସାହୁ, ମାନସ ପରିଡ଼ା, ରଞ୍ଜନ ମଲ୍ଲିକ, ଅଜୟ ମଲ୍ଲିକ, ରମେଶ ପାଗଳ, ପ୍ରଶାନ୍ତ ସାହୁ, ପ୍ରଦୀପ ବଳ, ଅକ୍ଷୟ ନାୟକ, ସେକ୍ ଜାଫର ଅଲ୍ଲୀ, ବାବି ସାହୁ, ମାନସ ପଣ୍ଡା, ଆଶିଷ ମହାନ୍ତି, ପ୍ରଦୀପ ମହାପାତ୍ର, ସୁଶାନ୍ତ ରାଉତ, କାହ୍ନୁ ଜେନା, ସୀତାକାନ୍ତ ବିଶ୍ୱାଳ, ପ୍ରଭାକର ବାରିକ ପ୍ରମୁଖ ସାମ୍ବାଦିକମାନେ ଯୋଗଦେଇଥିଲେ। ଏହି ଶିବିରରେ ୫୦ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିବା ଜଣାଯାଇଛି।



## କ୍ରିକେଟ ଟୁର୍ଣ୍ଣାମେଣ୍ଟ: ଫାଇନାଲ୍‌ରେ ତମାଣ୍ଡୋ ଏକାଦଶ

ଭଣ୍ଡାରିପୋଖରୀ,୧୧।୩(ସମିସ): ଭଣ୍ଡାରିପୋଖରୀ ବ୍ଲକ୍ ବଯାବନାପୁର ପଞ୍ଚାୟତ ଚନ୍ଦ୍ରଭାନୁପୁର କ୍ରିକେଟ ପଡ଼ିଆରେ ହରମୋହନ ମହାପାତ୍ର ସ୍ମାରକୀ ୮ମ ବାର୍ଷିକ କ୍ରିକେଟ ଟୁର୍ଣ୍ଣାମେଣ୍ଟର ପ୍ରଥମ ସେମିଫାଇନାଲ ମ୍ୟାଚ୍ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଚନ୍ଦ୍ରଶେଖର କ୍ରିକେଟ କ୍ଲବ୍ ଆନୁକୂଲ୍ୟରେ ଅନୁଷ୍ଠିତ ମ୍ୟାଚ୍ ଯାଜପୁର ୧୧ ଷ୍ଟାର୍ ଓ ଭୁବନେଶ୍ୱର ତମାଣ୍ଡୋ ଏକାଦଶ ମଧ୍ୟରେ ହୋଇଥିଲା। ପ୍ରଥମେ ବ୍ୟାଟିଂ କରି ତମାଣ୍ଡୋ ଏକାଦଶ ନିର୍ଦ୍ଧାରିତ ୨୦ ଓଭରରେ ୮ ୱିକେଟ ହରାଇ ୨୮୮ ରନ୍ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ରଘୁନାଥ ମଲ୍ଲ ଶତକୀୟ ଇନିଙ୍ଗ୍‌ସ ଖେଳି ୧୦୭ ରନ୍ ଓ ଆକାଶ ମହାପାତ୍ର ୪୫ ରନ୍ କରିଥିଲେ। ପ୍ରତିପକ୍ଷ ବୋଲର ଅଭିଳାଷ ରାଉତରାୟ ୨ ୱିକେଟ ଅକ୍ତିଆର କରିଥିଲେ। ଜବାବରେ ଯାଜପୁର ୧୧ ଷ୍ଟାର୍ ଦଳ ୧୨ ଓଭରରେ ସମସ୍ତ ୱିକେଟ ହରାଇ ୭୮ ରନ୍ ସଂଗ୍ରହ କରି ଶୋଚନୀୟ ଭାବେ ପରାଜିତ ହୋଇଥିଲା। ଦଳ ପକ୍ଷରୁ ଚନ୍ଦନ ନାୟକ ସର୍ବାଧିକ ୧୮ ରନ୍ କରିଥିଲେ। ପ୍ରତିପକ୍ଷ ବୋଲର ରଘୁନାଥ ମଲ୍ଲ ୪ ୱିକେଟ ଅକ୍ତିଆର କରି ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ସଞ୍ଜୟ ମଲ୍ଲିକ ରଘୁନାଥଙ୍କୁ ପରସ୍କୃତ କରିଥିଲେ। ଦେବବ୍ରତ ଦାସ ଓ ଅଶୋକ ରାଉତ ଅମ୍ପାୟାର ଭାବେ ମ୍ୟାଚ୍ ପରିଚାଳନା କରିଥିଲେ। ଶୋଭନ ଶଙ୍ଖୁଆ ସ୍କୋରର ଓ ପ୍ରତ୍ୟୁଷ ସାହୁ ଭାଷ୍ୟକାର ଦାୟିତ୍ୱ ତୁଲାଇଥିଲେ।

### ଭଦ୍ରକ ଜିଲ୍ଲାରେ ବଢୁଛି ସଡ଼କ ଦୁର୍ଘଟଣା

# ୧୩ ମାସରେ ୩୦୩ ଦୁର୍ଘଟଣା; ୧୭୦ ମୃତ, ୨୭୫ ଆହତ

ଭଦ୍ରକ,୧୧।୩(ସମିସ):ଭଦ୍ରକ ଜିଲ୍ଲାରେ ଗତ ୧୩ ମାସ ମଧ୍ୟରେ ଅର୍ଥାତ ୨୦୨୫ରୁ ୨୦୨୬ ଜାନୁଆରୀ ମାସ ଶେଷ ସୁଦ୍ଧା ଘଟିଛି ୩୦୩ଟି ଛୋଟବଡ଼ ସଡ଼କ ଦୁର୍ଘଟଣା। ଏହି ଦୁର୍ଘଟଣାରେ ୧୭୦ ଜଣଙ୍କ ଜୀବନ ଯାଇଥିବାବେଳେ ଆହତ ହୋଇଛନ୍ତି ୨୭୫ ଜଣ। ସେହିଭଳି ଜିଲ୍ଲାର ୧୯ଟି ଥାନା ଅଞ୍ଚଳ ମଧ୍ୟରୁ ସର୍ବାଧିକ ଦୁର୍ଘଟଣା ଘଟିଛି ଭଦ୍ରକ ଗ୍ରାମାଞ୍ଚଳ ଥାନାଞ୍ଚଳରେ। ଏହି ଥାନା ଅଧୀନରେ ଉକ୍ତ ଅବଧି ମଧ୍ୟରେ ସର୍ବାଧିôକ ୫୩ଟି ଦୁର୍ଘଟଣା ଘଟିଥିବାବେଳେ ୩୦ ଜଣଙ୍କର ମୃତ୍ୟୁ ଘଟିଛି।



### ଗ୍ରାମାଞ୍ଚଳ ଥାନା ଅଧୀନରେ ସର୍ବାଧିକ ୫୩ଟି ଦୁର୍ଘଟଣା, ୩୦ ମୃତ

ଜିଲ୍ଲା ଆଞ୍ଚଳିକ ପରିବହନ ଅଧିକାରୀଙ୍କ କାର୍ଯ୍ୟାଳୟ ସୂଚନାନୁଯାୟୀ, ଉକ୍ତ ଅବଧି ମଧ୍ୟରେ ଜିଲ୍ଲାର ୧୯ଟି ଥାନା ମଧ୍ୟରୁ ଆଗରପଡ଼ା ଥାନା ଅଞ୍ଚଳରେ ୨ଟି ଦୁର୍ଘଟଣା ଘଟି ୨ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୨ଜଣଙ୍କର ମୃତ୍ୟୁ ଘଟିଛି। ତେବେ ଏହି ଦୁର୍ଘଟଣା ୨୦୨୬ ଜାନୁଆରୀ ମାସରେ ହୋଇଛି। ସେହିଭଳି ବାଂଶଡ଼ା ଥାନା ଅଞ୍ଚଳରେ ୧୨ଟି ଦୁର୍ଘଟଣା ଘଟିଥିବାବେଳେ ୭ ଜଣଙ୍କର ମୃତ୍ୟୁ ଘଟିଥିଲା ଓ ୭ ଜଣ ଆହତ ହୋଇଥିଲେ। ସେହିଭଳି ବାସୁଦେବପୁର ଥାନାଞ୍ଚଳରେ ୨୫ଟି ଦୁର୍ଘଟଣା ଘଟି ୧୦ ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ୨୪ଜଣ ଆହତ ହୋଇଥିଲେ। ଭଦ୍ରକ ଟାଉନ୍ ଥାନା ଅଞ୍ଚଳରେ ୨୦ଟି ଦୁର୍ଘଟଣା ଘଟିଥିବାବେଳେ ୧୨ ଜଣଙ୍କର ଜୀବନ ଯାଇଥିଲା ଓ ୧୯ ଜଣ ଆହତ ହୋଇଥିଲେ। ଭଣ୍ଡାରିପୋଖରୀ ଥାନାଞ୍ଚଳରେ ୨୭ଟି ଦୁର୍ଘଟଣା ଘଟି ୧୪ ଜଣଙ୍କ ଜୀବନ ଉଜୁଡ଼ି ଯାଇଥିବାବେଳେ ୨୯ ଜଣ ଆହତ ହୋଇଥିଲେ। ବନ୍ତ ଥାନା ଅଞ୍ଚଳରେ ୧୦ଟି ଦୁର୍ଘଟଣା ଘଟିଥିବାବେଳେ ୬ଟି ଜୀବନ ଯାଇଥିଲା ଓ ୮ ଜଣ ଆହତ ହୋଇଥିଲେ। ଚାନ୍ଦବାଲି ଥାନାଞ୍ଚଳରେ ୧୭ଟି ଦୁର୍ଘଟଣାରେ ୧୩ ଜଣଙ୍କ ଜୀବନ ଯାଇଥିବାବେଳେ ୧୩ ଜଣ ଆହତ ହୋଇଥିଲେ। ଚୂଡ଼ାମଣି ମେରାଇନ୍ ଥାନା ଅଞ୍ଚଳରେ ୨ଟି ଦୁର୍ଘଟଣା ଘଟି ଜଣଙ୍କର ମୃତ୍ୟୁ ଘଟିଥିବାବେଳେ ୪ଜଣ ଆହତ ହୋଇଥିଲେ। ସେହିଭଳି ଧାମନଗର ଥାନା ଅଞ୍ଚଳରେ ୨୯ଟି ଦୁର୍ଘଟଣା ଘଟି ୧୬ ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ୨୬ ଜଣ ଆହତ ହୋଇଥିଲେ। ଧାମରା ଥାନା ଅଞ୍ଚଳରେ ୮ଟି ଦୁର୍ଘଟଣା ଘଟିଥିବାବେଳେ ୫ ମୃତ, ୬ ଆହତ, ଧାମରା ମେରାଇନ ଥାନାଞ୍ଚଳରେ ୩ଟି ଦୁର୍ଘଟଣାରେ ୪ ମୃତ, ୨ ଆହତ, ଧୂଷୁରୀ ଥାନା ଅଞ୍ଚଳରେ ୬ଟି ଦୁର୍ଘଟଣାରେ ୪ ମୃତ, ୫ ଆହତ, କଶିଆ ମେରାଇନ୍ ଥାନାଞ୍ଚଳରେ ୭ଟି ଦୁର୍ଘଟଣା ଘଟିଥିବାବେଳେ ୩ ମୃତ ଓ ୫ଜଣ ଆହତ ହୋଇଥିଲେ। ସେହିଭଳି ନାୟକାଣିଡିହି ଥାନାଞ୍ଚଳରେ ୧୧ଟି ଦୁର୍ଘଟଣା ଘଟିଥିବାବେଳେ ୭ ମୃତ, ୧୦ ଆହତ, ପୀରହାଟ ଥାନାଞ୍ଚଳରେ ୧୫ଟି ଦୁର୍ଘଟଣାରେ ୧୧ ମୃତ, ୧୦ ଆହତ, ପୁରୁଣାବଜାର ଥାନାଞ୍ଚଳରେ ୧୨ଟି ଦୁର୍ଘଟଣାରେ ୫ ମୃତ, ୧୦ ଆହତ, ସାବରଙ୍ଗ ଥାନାଞ୍ଚଳରେ ୧୭ଟି ଦୁର୍ଘଟଣାରେ ୧୦ ମୃତ, ୧୩ ଆହତ, ତିହିଡ଼ି ଥାନାଞ୍ଚଳରେ ଉକ୍ତ ୧୩ ମାସ ମଧ୍ୟରେ ୨୪ଟି ଦୁର୍ଘଟଣା ଘଟି ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ୨୬ ଜଣ ଆହତ ହୋଇଥିବା ଜଣାଯାଇଛି।

## ଗୋରୁ ଚାଲାଣ ରାକେଟ୍ ସକ୍ରିୟ; କାର୍‌ରେ ପଠାଯାଉଛି

କୋଠାର/ଅସୁରାଳି,୧୧।୩(ସମିସ): ଧାମନଗର ଅଞ୍ଚଳରେ ଗୋରୁ ଚାଲାଣ ରାକେଟ୍ ଦିନକୁ ଦିନ ସକ୍ରିୟ ହେଉଥିବାରୁ ସାଧାରଣ ଜନତାଙ୍କ ମଧ୍ୟରେ ଭୟ ଓ ଅସନ୍ତୋଷ ବୃଦ୍ଧି ପାଇଛି। ପ୍ରତି ୨ରୁ ୫ ଦିନ ଅନ୍ତରାଳରେ ବିଭିନ୍ନ ସ୍ଥାନରୁ ଯଥା- ଧୂଷୁରୀ, ହସନାବାଦ୍, ଗୁଡ଼ପୋଖରୀରେ ପିକ୍‌ଅପ୍ ଭ୍ୟାନ୍, ଟ୍ରକ୍ ଆଦିରେ ଗୋରୁ ବୋଝେଇ କରି ବାହାରକୁ ଚାଲାଣ କରାଯାଉଛି। ମଙ୍ଗଳବାର କୋଠାର ନିକଟରେ ଗୋରୁ ବୋଝେଇ ଏକ ଇଣ୍ଡିକା ଗାଡ଼ି ଦେଖିବାକୁ ମିଳିଥିଲା। ଯାହାକି ସ୍ଥାନୀୟ ଲୋକଙ୍କୁ ଆଶ୍ଚର୍ଯ୍ୟରେ ପକାଇ ଦେଇଛି। ଏଥିରେ ୪ ଗୋରୁ ଜୀବନ୍ତ ଥିବାବେଳେ ଗୋଟିଏର ମୃତ୍ୟୁ ଘଟିଥିଲା। ପରବର୍ତ୍ତୀ ମୁହୂର୍ତ୍ତରେ ଧୂଷୁରୀ ପୁଲିସ ପହଞ୍ଚି ଗୋରୁମାନଙ୍କୁ ଉଦ୍ଧାର କରି ଅସୁରାଳିଠାରେ ଥିବା ଗୋଶାଳାକୁ ସ୍ଥାନାନ୍ତରିତ କରି କେସ୍ ନଂ ୧୭୧/୨୬ ରୁଜୁ କରି ଅନୁସନ୍ଧାନ ଜାରି ରଖିଛି। ପୁଲିସ ପ୍ରଶାସନର ଭୂମିକା ଏଠି ଗୁରୁତ୍ୱପୂର୍ଣ୍ଣ ରହୁଛି। ମାତ୍ର କେତେବେଳେ ପୁଲିସ ଅଭିଯୁକ୍ତମାନଙ୍କୁ ହାଜତରେ ରଖୁଛି ତ ଆଉ କେତେବେଳେ ହାତଗୁଞ୍ଜା ପାଇ ଛାଡ଼ିଦେଉଛି। ଏହି ପ୍ରକ୍ରିୟାରେ ମୁଖ୍ୟ ମାଫିଆମାନେ ସାମ୍ନାକୁ ଆସୁନାହାନ୍ତି, ବରଂ ଅନ୍ୟମାନଙ୍କ ଦ୍ୱାରା ଗୋରୁ ବୋଝେଇ ଗାଡ଼ିଗୁଡ଼ିକୁ ପାର୍ କରାଇ ଦେଉଛନ୍ତି। ଏହିସବୁ ଘଟଣା ଦେଖି ସାଧାରଣ ଜନତା ପ୍ରଶାସନ ଉପରେ ପ୍ରଶ୍ନବାଚୀ ଠିଆ କରିଛନ୍ତି। ପଶୁପ୍ରେମୀ ଓ ସାମାଜିକ ସଂଗଠନମାନେ ଏହାକୁ ନେଇ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି। ଧାମନଗରରେ ଗୋରୁ ଚାଲାଣ ରାକେଟ୍‌ର ସକ୍ରିୟତା ପୁଲିସ ପ୍ରଶାସନର କାର୍ଯ୍ୟକ୍ଷମତାକୁ ପ୍ରଶ୍ନରେ ପକାଇ ଦେଇଛି। କେବଳ ଗାଡ଼ି ଚାଳକ ଓ ସହଯୋଗୀଙ୍କୁ ଗିରଫ କରିବାରେ ସୀମିତ ହେଲେ, ମୁଖ୍ୟ ମାଫିଆମାନେ ଆଜି ବି ଅସ୍ପୃଶ୍ୟ ରହିଛନ୍ତି।

## ବଜାରରୁ କେଉଁଆଡ଼େ ନିଖୋଜ



ବନ୍ତ/ଆଗରପଡ଼ା,୧୧।୩(ସମିସ): ବନ୍ତ ବ୍ଲକ୍ ପଳସାଗଡ଼ିଆସ୍ଥିତ ଆଦର୍ଶ ବିଦ୍ୟାଳୟ ଯୁକ୍ତ ଦୁଇ ଛାତ୍ର କୌଶିକ ସାମନ୍ତରାୟ ମଙ୍ଗଳବାର ଆଗରପଡ଼ା ବଜାରକୁ କୌଣସି କାର୍ଯ୍ୟ ପାଇଁ ଆସି ଘରକୁ ନ ଫେରି କେଉଁଆଡ଼େ ଚାଲି ଯାଇଛନ୍ତି। ସନ୍ଧ୍ୟା ପର୍ଯ୍ୟନ୍ତ ଘରକୁ ନ ଫେରିବାରୁ ପରିବାର ଲୋକେ ବହୁ ଖୋଜାଖୋଜି କରିବା ପରେ ଶେଷରେ ଆଗରପଡ଼ା ଥାନାରେ ଅଭିଯୋଗ କରିଛନ୍ତି। ଆଗରପଡ଼ା ପୁରୁଷଣ୍ଡ ଗ୍ରାମର ବିକ୍ରମ ସାମନ୍ତରାୟଙ୍କ ଏକମାତ୍ର ପୁତ୍ର କୌଶିକ ଚଳିତ ବର୍ଷ ଯୁକ୍ତ ଦୁଇ ପ୍ରଥମ ବର୍ଷ ପରୀକ୍ଷା ଦେଇଥିଲେ। ସେ ଜଣେ ମେଧାବୀ ଛାତ୍ର ଅଟନ୍ତି। ତାଙ୍କ ନିଖୋଜ ଘଟଣା ପରିବାର ଲୋକଙ୍କ ସମେତ ଗ୍ରାମବାସୀଙ୍କୁ ବ୍ୟଥିତ କରିଛି। ଯଦି ଉକ୍ତ ଛାତ୍ରର କେହି ସନ୍ଧାନ ପାଆନ୍ତି ତାହାଲେ ଆଗରପଡ଼ା ଥାନାରେ ଜଣାଇବାକୁ ପରିବାର ପକ୍ଷରୁ ଅନୁରୋଧ କରାଯାଇଛି।

## ଧଳାଜହର ହବ୍ ପାଲଟିଛି ଆଗରପଡ଼ା

ବନ୍ତ/ଆଗରପଡ଼ା,୧୧।୩(ସମିସ): କ୍ରମଶଃ ବଢ଼ିବାରେ ଲାଗିଛି ଧଳାଜହର ବେପାର। ଏହାକୁ ସେବନ କରି ଯୁବକମାନେ ହେଉଛନ୍ତି ପଥଭ୍ରଷ୍ଟ ଏବଂ ଘଟାଉଛନ୍ତି ଅସାମାଜିକ କାର୍ଯ୍ୟ। ଆଗରପଡ଼ା ଅଞ୍ଚଳର କେନାଲ ହୁଡ଼ା, ନଦୀ ପଠା, ଏମିତିକି ବିଭିନ୍ନ ଶିକ୍ଷାନୁଷ୍ଠାନ ନିକଟରେ ଥିବା ଅବ୍ୟବହୃତ ଘର ମଧ୍ୟରେ ଧଳାଜହର ନିୟମିତ ବିକ୍ରି ହେବାରେ ଲାଗିଛି। ଗଞ୍ଜେଇ ଭର୍ତ୍ତି ସିଗାରେଟ୍, ଚୋରା ଦେଶୀ, ବିଦେଶୀ ମଦ ମଧ୍ୟ ଖୁଲମ୍‌ଖୁଲା ବିଭିନ୍ନ ଦୋକାନମାନଙ୍କରେ ବିକ୍ରି ହେଉଥିବାର ଅଭିଯୋଗ ହେଉଛି। ଯଦ୍ୱାରା ନିଶା ସେବନକାରୀମାନେ ନିଶାଗ୍ରସ୍ତ ହୋଇ ବିଭିନ୍ନ ପ୍ରକାରର ଅସାମାଜିକ କାର୍ଯ୍ୟମାନ ଘଟାଉଛନ୍ତି। ଯାହାର ଅନେକ ନଜିର୍ ରହିଛି। ଏଥିରେ ପ୍ରଶାସନ ପକ୍ଷରୁ କୌଣସି ଧରପଗଡ଼ ହେଉ ନ ଥିବାରୁ ଏହାର ବିକ୍ରି ଅବାଧରେ ଚାଲିଛି। ଏଥିପ୍ରତି ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

## ୮ ବର୍ଷ ହେଲା ଗୋଚର ଜମିରେ ମାଛ ଚାଷ

ଦୋଲସାହି,୧୧।୩(ସମିସ): ତିହିଡ଼ି ବ୍ଲକ୍ ଅଧୀନ ଗୁଆମାଳ ପଞ୍ଚାୟତରେ ଜଣେ ବ୍ୟକ୍ତି ଗୋଚର ଜମିରେ ପୋଖରୀ ଖୋଳି ମାଛ ଚାଷ କରୁଥିବା ନେଇ ସାଧାରଣରେ ଅଭିଯୋଗ ହୋଇଛି। ସୂଚନାଯୋଗ୍ୟ, ତିହିଡ଼ି ତହସିଲ୍ ଅଧୀନ ଦୋଲସାହି ରାଜସ୍ୱ ବିଭାଗ ଅଧୀନ ବିଶ୍ୱନାଥପୁର ଗ୍ରାମବାସୀ ବ୍ୟବହାର କରୁଥିବା ଏକ ସରକାରୀ ଗୋଚର ଜମିରେ ଜଣେ ବ୍ୟକ୍ତି ଏକ ପୋଖରୀ ଖୋଳି ଦୀର୍ଘ ୮ବର୍ଷ ହେଲା ମାଛ ଚାଷ କରୁଛନ୍ତି। ଫଳରେ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ତିହିଡ଼ି ତହସିଲ୍ କର୍ତ୍ତୃପକ୍ଷଙ୍କ ଜାଣତରେ ଏହି ବ୍ୟକ୍ତି ସରକାରୀ ଜମିରେ ପୋଖରୀ ଖୋଳି ମାଛ ବେପାର କରୁଥିବା ଏହି ବ୍ୟକ୍ତି ଜଣେ ଟାଣୁଆ ରାଜନେତା ଭାବେ ପରିଚିତ। ସେହିପରି ଏହି ପଞ୍ଚାୟତରେ ବିଭିନ୍ନ ସ୍ଥାନରେ ବେଆଇନ ଭାବେ ଗୋଚର ଜମିରେ ପୋଖରୀ ଖୋଳାଯାଇଥିବା ଅଭିଯୋଗ ହୋଇଛି। ଜିଲ୍ଲା ପ୍ରଶାସନ ପକ୍ଷରୁ ସରକାରୀ ଜମିରେ ଏହି ବେଆଇନ ଭାବେ ଖୋଳାଯାଇଥିବା ପୋଖରୀ ପୋତିବା ପାଇଁ ଦାବି ହେଉଛି।



### ଶିଶୁ ଶ୍ରମିକ ବିଲୋପ ଓ ଯଶୋଦା ଯୋଜନା

# ଶିଶୁଙ୍କୁ ଦକ୍ଷତା ବିକାଶରେ ସାମିଲ୍ ସକାଶେ କର୍ମଶାଳା




ଭଦ୍ରକ,୧୧।୩(ସମିସ): ଭଦ୍ରକ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍ ଓ ମହିଳା ଓ ଶିଶୁ ବିକାଶ ବିଭାଗ ଆନୁକୂଲ୍ୟରେ ଆୟୋଜିତ ଶିଶୁ ଶ୍ରମିକ ବିଲୋପ ଓ ଯଶୋଦା ଯୋଜନା ମାଧ୍ୟମରେ ଶିଶୁଙ୍କୁ ଦକ୍ଷତା ବିକାଶରେ ସାମିଲ୍ ଶୀର୍ଷକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟ ଅତିଥି ରୂପେ ଶିଶୁ ମଙ୍ଗଳ କମିଟିର ଅଧ୍ୟକ୍ଷ ସୁବ୍ରତ ବିଶ୍ୱାଳ, ସମ୍ମାନିତ ଅତିଥି ରୂପେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ରୂପାଲି ମିତ୍ର, ଜିଲ୍ଲା ଶ୍ରମ ଅଧିକାରିଣୀ ପ୍ରେମମଞ୍ଜରୀ ନାୟକ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଖଗେଶ୍ୱର ସେଠୀ, ଜିଲ୍ଲା କର୍ମ ନିୟୋଜନ ଓ ଦକ୍ଷତା ଅଧିକାରିଣୀ ଅନିତା ନାୟକ, ବିଜ୍ଞାନ ପରିଦର୍ଶିକା ହିମାଦ୍ରୀ ତନୟା ବିଶ୍ୱାଳ, ଶିଶୁ ମଙ୍ଗଳ ସଦସ୍ୟ ପ୍ରଦୀପ୍ତ କୁମାର କର, ଶିଶୁ ସୁରକ୍ଷା ଅଧିକାରୀ ଅବିନାଶ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ଜିଲ୍ଲା ଶିଶୁ ସୁରକ୍ଷା ଶାଖାର ବରିଷ୍ଠ ଆଇନ ଅଧିକାରୀ ସୁବ୍ରତ ଦାସଙ୍କ ମଞ୍ଚ ସଞ୍ଚାଳନରେ ବିଷୟ ବିଶାରଦ ରୂପେ କଲ୍ୟାଣ କିଶୋର ମହାନ୍ତି ଓ ବରିଷ୍ଠ ନାଗରିକ ପରିଷଦର ପରାମର୍ଶ ଅଧିକାରୀ ଲଲାଟେନ୍ଦୁ ମହାନ୍ତି ପ୍ରମୁଖ କିଶୋର ନ୍ୟାୟ ଆଇନ ବ୍ୟବସ୍ଥାରେ ଶିଶୁମାନଙ୍କୁ ଦକ୍ଷତା ବିକାଶ ସକାଶେ ଯଶୋଦା ଯୋଜନା ମାଧ୍ୟମରେ କିପରି ସାମିଲ୍ କରାଯିବ ଓ ଜିଲ୍ଲାସ୍ତରରେ ଶିଶୁ ଶ୍ରମିକ ବିଲୋପ ପାଇଁ ସବୁସ୍ତରରୁ ବ୍ୟକ୍ତିବିଶେଷଙ୍କ ପ୍ରଚେଷ୍ଟା ଆବଶ୍ୟକ। ଶିଶୁ ଶ୍ରମିକ, ଭିକ୍ଷା ବୃତ୍ତି, ଅବହେଳିତ ଶିଶୁଙ୍କୁ ଉଦ୍ଧାର କରିବା ସହ ଥଇଥାନ ପାଇଁ ବିଧିବଦ୍ଧ ବ୍ୟବସ୍ଥା ସମ୍ପର୍କରେ ଆଲୋକପାତ କରିଥିଲେ। ଶିଶୁ ଶ୍ରମିକ ଭଳି କୁତ୍ସିତ ପ୍ରଥାକୁ ପ୍ରଶ୍ରୟ ଦେଉଥିବା ବ୍ୟକ୍ତି ଓ ପ୍ରତିଷ୍ଠାନ ଉପରେ କାର୍ଯ୍ୟାନୁଷ୍ଠାନ ହେବା ଦରକାର ବୋଲି ମତ ପାଇଥିଲା। ଏଥିପାଇଁ ସମସ୍ତ ବ୍ୟକ୍ତି ଓ ଅଂଶୀଦାର ପ୍ରମୁଖ ସହଯୋଗ କରିବା ଆବଶ୍ୟକ ବୋଲି କର୍ମଶାଳାରେ ଉଲ୍ଲେଖ ହୋଇଥିଲା। ତେବେ ଜିଲ୍ଲା ଶିଶୁ ଶ୍ରମିକମୁକ୍ତ ହୋଇପାରିବ ବୋଲି ଅତିଥିମାନେ ମତ ପ୍ରଦାନ କରିଥିଲେ। ତତ୍ ସହ ତୃଣମୂଳସ୍ତରରେ ପିତୃମାତୃହୀନ ଶିଶୁଙ୍କୁ ଯଶୋଦା ଯୋଜନାରେ ସାମିଲ୍ ସକାଶେ ସମସ୍ତଙ୍କୁ ଆଲୋକପାତ କରାଯାଇଥିଲା। କର୍ମଶାଳାରେ ସମସ୍ତ ବ୍ଲକ୍‌ରୁ ଶିଶୁ ବିକାଶ ଅଧିକାରିଣୀ, ମହିଳା ପରିଦର୍ଶିକା, ବ୍ଲକ୍ ସାମାଜିକ ସୁରକ୍ଷା ଅଧିକାରୀ, ଶିଶୁ ଅନୁଷ୍ଠାନର କର୍ମକର୍ତ୍ତା, ଚାଇଲ୍ଡ ଲାଇନ୍‌ର ପ୍ରକଳ୍ପ ସଂଯୋଜିକା ଶୁଭଶ୍ରୀ ପଡ଼ିଆରୀ, ରମାକାନ୍ତ ଜେନା, ଲକ୍ଷ୍ମଣ ଜେନା, ଦିଗ୍‌ବିଜୟ ମହାନ୍ତି, ଚନ୍ଦ୍ରକାନ୍ତ ଗୋଛାୟତ ସମେତ ଶିଶୁ ସୁରକ୍ଷା ୟୁନିଟ୍‌ର ସ୍ୱାଗତିକା ବାରିକ୍, ବିଶ୍ୱ ନାରାୟଣ ପଣ୍ଡା, ମହେଶ ଚନ୍ଦ୍ର ଦାଶ, ଦମୟନ୍ତୀ ଦାଶ, ଲକ୍ଷ୍ମୀପ୍ରିୟା ମଲ୍ଲିକ, ସୁଭାଶିଷ ମିଶ୍ର, କୁଳଦୀପ ଜେନା, ଧୀରଜ୍ ବାରିକ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ପରିଶେଷରେ ବିଶ୍ୱ ନାରାୟଣ ପଣ୍ଡାଙ୍କ ଦ୍ୱାରା ଧନ୍ୟବାଦ ଅର୍ପଣ କରିଥିଲେ।

## ବରିଷ୍ଠ ନାଗରିକ ସଂଘର ବାର୍ଷିକ ଉତ୍ସବ



ବାସୁଦେବପୁର,୧୧।୩(ସମିସ): ବାସୁଦେବପୁର ବ୍ଲକ୍‌ର ରକ୍ତତୀର୍ଥ ଇରମ ସହିଦ ପୀଠରେ ବରିଷ୍ଠ ନାଗରିକ ସଂଘର ୭ମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ନାଗରିକ ସଂଘର ସଭାପତି ଗଙ୍ଗାଧର ପଣ୍ଡାଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ବାସୁଦେବପୁର ବିଧାୟକ ଅଶୋକ କୁମାର ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଭଦ୍ରକ ଜିଲ୍ଲାର ବରିଷ୍ଠ ନାଗରିକ ସଂଘ ସମ୍ପାଦକ କୈଳାସ ଚନ୍ଦ୍ର ମହାପାତ୍ର, ଯୁଗଳ କିଶୋର ସାହୁ, ପ୍ରଫେସର ଡ. ପ୍ରଫୁଲ୍ଲ କୁମାର ସାହୁ, ବରିଷ୍ଠ ନାଗରିକ ସଂଘର ରାଜ୍ୟ ସମ୍ପାଦକ ଯୁଗଳ କିଶୋର ସାହୁ, ସରପଞ୍ଚ ସାବିତ୍ରୀ ବଳ, ସମ୍ପାଦକ ଚନ୍ଦ୍ର ବେହେରା, ଅବସରପ୍ରାପ୍ତ ଅଧକ୍ଷ ଭାଗିରଥି ମହାନ୍ତି, ଦୁଃଶାସନ ରାଉତ ଯୋଗଦେଇ ଉଦ୍‌ବୋଧନ ଦେଇଥିଲେ। ବରିଷ୍ଠ ନାଗରିକ ସଂଘ ପକ୍ଷରୁ ସମାଜର ପ୍ରତିଭା ସମ୍ପନ୍ନ ବ୍ୟକ୍ତିଙ୍କୁ ମାନପତ୍ର ଓ ଉପଢ଼ୌକନ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ହାଇସ୍କୁଲ ମାଟ୍ରିକ୍ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖିଥିବା ଛାତ୍ରଛାତ୍ରୀଙ୍କୁ ମେଧାବୃତ୍ତି ପ୍ରୋତ୍ସାହନ ପ୍ରଦାନ କରିଥିଲେ। ବରିଷ୍ଠ ନାଗରିକ ସଂଘର ବାର୍ଷିକ ମୁଖପତ୍ର ଗୋଧୂଳିକୁ ଅତିଥିମାନଙ୍କ କରକମଳରେ ଉନ୍ମୋଚନ କରିଥିଲେ। କୋଷାଧ୍ୟକ୍ଷ ଯଦୁନାଥ ପାଢ଼ୀ ଧନ୍ୟବାଦ ଅର୍ପଣ କରିଥିଲେ। ରମାକାନ୍ତ ପାଣିଗ୍ରାହୀ, ମୁରଲୀଧର ବିଶ୍ୱାଳ, ଯାମିନୀକାନ୍ତ ପାଢ଼ୀ, ମହେନ୍ଦ୍ର ପ୍ରସାଦ ପତି, ଦିବାକର ସାମଲ, ଦୁର୍ଲ୍ଲଭ ନାୟକ ଓ ଦୟାନିଧି ବେହେରା ପ୍ରମୁଖ ସହଯୋଗ କରିଥିଲେ।

# ବେଆଇନ ବାଲି ଚାଲାଣ; ବଦଳୁଛି ନଦୀର ଗତିପଥ

ଅସୁରାଳି,୧୧।୩(ସମିସ)

ଧାମନଗର ତହସିଲ୍ ଅଞ୍ଚଳରେ ପ୍ରବାହିତ ବୈତରଣୀ ଓ କୋଚିଲା ନଦୀର ବିଭିନ୍ନ ସ୍ଥାନରେ ବେଆଇନ ଭାବେ ବାଲିଘାଟ ଖୋଲାଯାଇ ପ୍ରତିଦିନ ଶହଶହ ଟ୍ରକ୍, ଟ୍ରାକ୍ଟର ଓ ହାଇୱାରେ ଅହରହ ବାଲି ଚାଲାଣ ହେଉଛି। ବାଲି ମାଫିଆ ପ୍ରଶାସନର କିଛି ଦୁର୍ନୀତିଖୋର୍ କର୍ମଚାରୀଙ୍କୁ ମୋଟା ଅଙ୍କର ଲାଞ୍ଚ ଦେଇ ଏଭଳି ଚୋରା ବାଲି ବେପାର କରି ବିପୁଳ ଅର୍ଥ ରୋଜଗାର କରୁଥିବାବେଳେ ଏହାଦ୍ୱାରା ଲକ୍ଷ ଲକ୍ଷ ଟଙ୍କା ରାଜସ୍ୱ ହାନୀ ଘଟୁଥିବା ଅଭିଯୋଗ ହୋଇଛି। ନଦୀ ଗର୍ଭରୁ ବାଲି ଉଠାଣ ହେବା ଦ୍ୱାରା ନଦୀର ଗତିପଥ ବଦଳିଯାଉଛି। ସେହିପରି ନଦୀରୁ ବାଲି ଉଠାଇବା ନିମନ୍ତେ ବିଭିନ୍ନ ସ୍ଥାନରେ ନଦୀବନ୍ଧ କଟାଯିବା ଦ୍ୱାରା ବନ୍ଧ ଦୁର୍ବଳ ହେଉଛି। ନିର୍ଦ୍ଧାରିତ ପରିମାଣଠାରୁ ଅଧିକ ପରିମାଣରେ ବାଲି ବୋଝେଇ ହୋଇ ଭାରୀଯାନ ନଦୀବନ୍ଧ ଓ ରାସ୍ତାରେ ଯିବା ଦ୍ୱାରା ନଦୀ ଓ ରାସ୍ତା ନଷ୍ଟ ହେଉଛି। ବାଲି ଚାଲାଣବେଳେ ଗାଡ଼ିରୁ ଖସୁଥିବା ପାଣିମିଶା ବାଲି ଯୋଗୁଁ ଅନେକ ସମୟରେ ଦୁର୍ଘଟଣା ମଧ୍ୟ ଘଟୁଛି।

ସେହିପରି ବାଲି ବୋଝେଇ ଗାଡ଼ିରେ ପାଲ ଢଙ୍କାଯାଉ ନ ଥିବାରୁ ବାଲି ଉଡି ପଥଚାରୀଙ୍କ ଆଖିରେ ପଡୁଛି। ଅଧିକାଂଶ ସମୟରେ ବାଲି ଗାଡ଼ି ପାଇଁ ରାସ୍ତାରେ ଗହଳି ହୋଇ ଦୁର୍ଘଟଣା ଘଟୁଛି। ଗତ ୮ ଦିନ ଆଗରୁ ଖଣି ବିଭାଗ ବିଭିନ୍ନ ବାଲି ଘାଟକୁ ଜେସିବି ସାହାଯ୍ୟରେ ବନ୍ଦ କରିଥିଲେ। କିନ୍ତୁ ବାଲି ମାଫିଆମାନେ ଗୋଟିଏ ଦିନ ପରେ ଉକ୍ତ ଘାଟକୁ ଖୋଲି ପୁଣି ବାଲି ଉଠାଇଥିଲେ।



**ମାଫିଆଙ୍କ ଉପରେ କେବେ ହେବ କାର୍ଯ୍ୟାନୁଷ୍ଠାନ**

**ବାଲି ଗୋଳାକୁ ତାଡ଼ିଥିଲା ଖଣି ବିଭାଗ; ପୁଣି ବାଟ ଫିଟାଇଦେଲେ ମାଫିଆ**

ବାଲି ମାଫିଆମାନେ ଏକପ୍ରକାର ପ୍ରଶାସନକୁ ବେଖାତିର୍ କରୁଥିବା ପରିଲକ୍ଷିତ ହେଉଛି। ପ୍ରତିବର୍ଷ ନଦୀ ଗର୍ଭରୁ ଏଭଳି ବେଆଇନ ଭାବେ ବାଲି ଉଠାଣ ଯୋଗୁଁ ଅଞ୍ଚଳବାସୀ ସମସ୍ୟା ଭୋଗୁଛନ୍ତି। ଏ ବାବଦରେ ଲୋକେ ତହସିଲ୍, ଏସ୍‌ଡିଓଙ୍କଠାରୁ ଆରମ୍ଭକରି ଜିଲ୍ଲା ପ୍ରଶାସନ ଏବଂ ଉପରିସ୍ଥ ଅଧିକାରୀଙ୍କୁ ଜଣାଇ ଆସୁଥିଲେ ହେଁ ସମସ୍ୟାର କୌଣସି ସମାଧାନ ହୋଇ ନ ଥିବାରୁ ଅସନ୍ତୋଷ ବଢୁଛି। ବାଲିପାଟଣା, ବାସୁଦେବ ପୀଠ, ଅର୍ଜୁନପୁର, ହସନାବାଦ, ଅସ୍ତକ, ମମାଦୁଲା, ପଙ୍ଗଟାଘାଟ, ସଇଲୋ ଘାଟରେ ଅନବରତ ବାଲି ଖୋଳି ନଦୀବନ୍ଧ ଦୁର୍ବଳ କରିବା ଯୋଗୁଁ ଯାତାୟାତରେ ବାଧା ଉପୁଜୁଛି। ପୁଣି ନଦୀବନ୍ଧ ଦୁର୍ବଳ ହେବା ଯୋଗୁଁ ନଦୀର ଗତିପଥ ବଦଳାଇ ଗାଁ ଆଡ଼କୁ ମୁହାଁଇଛି। ଏହାକୁ ନେଇ ଗ୍ରାମବାସୀ ଆତଙ୍କିତ। ଦିନରେ ଶହଶହ ଗାଡ଼ିରେ ସେହି ବାଲି ବାହାରକୁ ପଠାଯାଉଛି। ମାତ୍ର ଏସବୁ ଦେଖିବି ପ୍ରଶାସନ ନିରବଦ୍ରଷ୍ଟା ସାଜିଛି। ବାଲି ମାଫିଆଙ୍କୁ ତୁରନ୍ତ ଗିରଫ କରିବା ପାଇଁ ଜନସାଧାରଣ ଦାବି କରିଛନ୍ତି। ଏ ବାବଦରେ ଖଣି ବିଭାଗ ଅଧିକାରୀ ସୌମ୍ୟରଞ୍ଜନ ଦ୍ୱିବେଦୀଙ୍କୁ ପଚାରିବାରୁ ଖୁବ୍‌ଶୀଘ୍ର ଅନୁଧ୍ୟାନ କରି ପଦକ୍ଷେପ ନିଆଯିବ ବୋଲି କହିଛନ୍ତି।

**ସେମାନଙ୍କ ମତରେ...**



ଖଣି ବିଭାଗ ଓ ପୁଲିସର ସଲାସୁତରାରେ ଚାଲିଛି ବାଲି ଉଠାଣ। ଫଳରେ ରାଜସ୍ୱ ବିଭାଗକୁ ପହଞ୍ଚୁଛି କ୍ଷତି। ମାଲେମାଲ ହେଉଛନ୍ତି ଖଣି ଅଧିକାରୀ ଓ ସ୍ଥାନୀୟ ପୁଲିସ। ତୁରନ୍ତ ଏହି ପ୍ରଥା ବନ୍ଦ କରିବା ପାଇଁ ଦାବି ହେଉଛି।

ଚନ୍ଦ୍ରଶେଖର ନାୟକ, ମାର୍କ୍ସବାଦୀ କମ୍ୟୁନିଷ୍ଟ ନେତା



ବାଲି ଉଠିବା ଦ୍ୱାରା ନଦୀର ଗତିପଥ ପରିବର୍ତ୍ତନ ହେଉଛି। ଏଥିପାଇଁ ଅନେକ ସମୟରେ ଦୁର୍ଘଟଣା ଘଟି ଅନେକ ଜୀବନ ଯାଉଥିବାବେଳେ କେତେକ ଆହତ ହେଉଛନ୍ତି। କାହା ନିର୍ଦ୍ଦେଶରେ ଏଭଳି ଖୁଲମ୍‌ଖୁଲା ବାଲି ଉଠୁଛି, ଯାହାକି ଏଥିରେ ପୂର୍ଣ୍ଣଚ୍ଛେଦ ପଡ଼ିପାରୁ ନାହିଁ।

ରମେଶ ବେହେରା, ବ୍ଲକ୍ କଂଗ୍ରେସ ସଭାପତି

## ଇଡବ୍ଲୁଏସ୍ ପ୍ରମାଣପତ୍ର ପ୍ରଦାନରେ ଦୁର୍ନୀତି ଅଭିଯୋଗ

ବନ୍ତ/ଆଗରପଡ଼ା,୧୧।୩(ସମିସ): ବନ୍ତ ତହସିଲ୍‌ରେ ବର୍ତ୍ତମାନ ବହୁ ସଂଖ୍ୟାରେ ନକଲି ହିତାଧିକାରୀମାନଙ୍କୁ ଇଡବ୍ଲୁଏସ୍ ପ୍ରମାଣପତ୍ର ପ୍ରଦାନ କରାଯାଉଥିବା ଅଭିଯୋଗ ହେଉଛି। ଲୋକମାନଙ୍କଠାରୁ ମୋଟା ଅଙ୍କର ଟଙ୍କା ଲାଞ୍ଚ ନେବା ସହ ତହସିଲ୍‌ଦାର କର୍ମଚାରୀଙ୍କ ଦ୍ୱାରା ଉକ୍ତ କାର୍ଯ୍ୟ କରାଇ ବନ୍ତ ତହସିଲ୍ ପକ୍ଷରୁ ଶତାଧିକ ସଂଖ୍ୟାରେ ନକଲି ହିତାଧିକାରୀମାନଙ୍କୁ ଉକ୍ତ ପ୍ରମାଣପତ୍ର ଦିଆଯାଇଛି। ଯାହା ସମ୍ପୂର୍ଣ୍ଣ ଭାବେ ଭୁଲ୍ ଓ ବେଆଇନ ଅଟେ। ବନ୍ତ ତହସିଲ୍ ଅଧୀନସ୍ଥ ସମସ୍ତ ସ୍ଥାନରେ ଏହି ଦୁର୍ନୀତି କରାଯାଇଛି। ବନ୍ତ ତହସିଲ୍‌ଦାରଙ୍କ ଦାୟିତ୍ୱହୀନତା ତଥା ମନମୁଖୀ କାର୍ଯ୍ୟର ସ୍ପଷ୍ଟ ପ୍ରମାଣ ମିଳୁଛି ବୋଲି ଜିଲ୍ଲାପାଳଙ୍କ ନିକଟରେ ବନ୍ତ ତହସିଲ୍ ଅନ୍ତର୍ଗତ ବାଇପୁର ଗ୍ରାମର ହରେକୃଷ୍ଣ ସେନାପତି ଅଭିଯୋଗ କରିଛନ୍ତି। ଉକ୍ତ ଘୋଟାଲାରେ ତହସିଲ୍‌ଦାରଙ୍କ ସମେତ ଅତିରିକ୍ତ ତହସିଲ୍‌ଦାର, ଆର୍‌ଆଇ, ସୁପରଭାଇଜର ଓ ତହସିଲ୍‌ର କର୍ମଚାରୀ ସମ୍ପୃକ୍ତ ରହିଥିବାବେଳେ ଏହାର ନିରପେକ୍ଷ ତଦନ୍ତ କରାଗଲେ ସମସ୍ତ ସତ୍ୟାସତ୍ୟ ପଦାକୁ ଆସିପାରିବ ବୋଲି ମଧ୍ୟ ଅଭିଯୋଗରେ ଦର୍ଶାଇଛନ୍ତି। ତହସିଲ୍‌ଦାର ଗୋଟିଏ ନକଲି ହିତାଧିକାରୀ ପ୍ରମାଣପତ୍ର ପାଇଁ ହିତାଧିକାରୀଙ୍କଠାରୁ ତହସିଲ୍‌ର କର୍ମଚାରୀଙ୍କ ଜରିଆରେ ମୋଟା ଅଙ୍କର ଲାଞ୍ଚ ନେଇଛନ୍ତି ବୋଲି ମଧ୍ୟ ଅଭିଯୋଗ ହୋଇଛି। ଏହି ପ୍ରମାଣପତ୍ରରୁ ପ୍ରକୃତ ହିତାଧିକାରୀମାନେ ନିଜର ହକ୍‌ରୁ ବଞ୍ଚିତ ହେଉଛନ୍ତି। ବନ୍ତ ତହସିଲ୍‌ଦାରଙ୍କ ଉକ୍ତ କାର୍ଯ୍ୟ ଉପରେ ଯଥାଶୀଘ୍ର ରୋକ୍ ଲଗାଇବା ସହ ତାଙ୍କ ସମେତ ସମସ୍ତ ସମ୍ପୃକ୍ତ ଅଧିକାରୀ ଓ କର୍ମଚାରୀଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ତଥା ବିଭାଗୀୟ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ନିମନ୍ତେ ଦାବି କରିବା ସହିତ ଜିଲ୍ଲାପାଳଙ୍କ ଅଭିଯୋଗ ପତ୍ରରେ ଦର୍ଶାଇଛନ୍ତି ହରେକୃଷ୍ଣ। ବନ୍ତ ତହସିଲ୍‌ରେ କରାଯାଇଥିବା ମହାଦୁର୍ନୀତିର ପର୍ଦ୍ଦାଫାସ୍ କରାଇବା ସହ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କଲେ, ବନ୍ତ ତହସିଲ୍ ଅଧୀନସ୍ଥ ଅଞ୍ଚଳବାସୀ ଉପକୃତ ହେବେ ବୋଲି ଜିଲ୍ଲାପାଳଙ୍କ ନିକଟରେ ସେ ଦାବି କରିଛନ୍ତି। ଏହାର ଏକକିତା ନକଲ ପୂର୍ବାଞ୍ଚଳ ଆର୍‌ଡିସି, କଟକ, ରାଜସ୍ୱ ମନ୍ତ୍ରୀଙ୍କ ନିକଟକୁ ପଠାଇଥିବା ଜଣାପଡ଼ିଛି। ଏହି ଦୁର୍ନୀତି ବିରୋଧରେ ବନ୍ତ ତହସିଲ୍‌କୁ ମଧ୍ୟ ଆର୍‌ଟିଆଇ ତଥ୍ୟ ମଗାଯାଇଛି ବୋଲି କହିଛନ୍ତି ହରେକୃଷ୍ଣ। ଏହି ଅଭିଯୋଗ ବିଷୟରେ ବନ୍ତ ତହସିଲ୍‌ଦାର ସାରା ହେମ୍ବ୍ରମଙ୍କୁ ଯୋଗାଯୋଗ କରିବାରୁ ସେ ଉକ୍ତ ଅଭିଯୋଗର ପ୍ରମାଣ ଦିଅନ୍ତୁ ବୋଲି କହିଥିଲେ।




**ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ**

## ଉହଡହ ଖରା; ପୋଖରୀ ଶୁଖେଇଦେଲେ ଠିକାଦାର

ଦୋଳସାହି,୧୧।୩(ସମିସ): ତିହିଡ଼ି ବ୍ଲକ୍ ଅଧୀନ ଗୁଆମାଳ ପଞ୍ଚାୟତର ଏକ ପୋଖରୀ ସଂସ୍କାର କରିବା ନେଇ ଠିକାଦାରଙ୍କ ପକ୍ଷରୁ ପୋଖରୀକୁ ଶୁଖାଯାଇଥିଲା ବେଳେ ଏହି କାର୍ଯ୍ୟ ହେଉ ନ ଥିବା ନେଇ ଜନ ଅସନ୍ତୋଷ ପ୍ରକାଶ ପାଇଛି।

ସୂଚନା ମୁତାବକ, କେନ୍ଦ୍ର ସରକାରଙ୍କ ମନରେଗା ଯୋଜନାର ନାମ ପରିବର୍ତ୍ତନ ହୋଇଥିଲାବେଳେ ଏହି କାର୍ଯ୍ୟକ୍ରମ ଏପ୍ରିଲ ମାସରୁ ଆରମ୍ଭ ହେବ ବୋଲି ସରକାରଙ୍କ ପକ୍ଷରୁ ସମସ୍ତ ବ୍ଲକ୍ ପ୍ରଶାସନ ନିର୍ଦ୍ଦେଶ ଦେଇଥିଲାବେଳେ କିଛି ପଞ୍ଚାୟତରେ ଏହି କାର୍ଯ୍ୟକ୍ରମ ହୋଇଥିବା ଦେଖିବାକୁ ମିଳୁଛି। ଏହି ସମସ୍ତ କାର୍ଯ୍ୟ ବିନା ସରକାରୀ କାର୍ଯ୍ୟାଦେଶ ଭାବେ କରାଯାଇଥିବା ନେଇ ସୂଚନା ପ୍ରଦାନ କରିଛନ୍ତି ଏହି ବିଭାଗର କର୍ମଚାରୀ। ଖରାର ପ୍ରଭାବ ଦିନକୁ ଦିନ ବୃଦ୍ଧି ପାଉଥିବାବେଳେ ବିନା କାର୍ଯ୍ୟାଦେଶରେ ଗୁଆମାଳ ପଞ୍ଚାୟତର ଝାଡ଼ପଟା ଗ୍ରାମର ଗୋପ ପୋଖରୀ ସଂସ୍କାର କରିବା ନେଇ ପୋଖରୀ ଠିକାଦାରଙ୍କ ପକ୍ଷରୁ କିଛିଦିନ ଶୁଖାଯାଇଥିଲା ବେଳେ ଏହି କାର୍ଯ୍ୟକ୍ରମ ହେଉ ନ ଥିବା ନେଇ ଜନ ଅସନ୍ତୋଷ ପ୍ରକାଶ ପାଇଛି। ଏହି ପୋଖରୀରୁ ପାଣି ନେଇ ପରିବା ଚାଷୀ ଚାଷ କରୁଥିବାବେଳେ କ୍ଷେତରେ ଟୋପେ ପାଣି ଦେବା ପାଇଁ ମିଳୁନି। ଚାଷୀ ଅନେକ ଦୂରରୁ ପାଣି ଆଣି ଦେଉଥିବା ନେଇ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲାବେଳେ ଜୀବଜନ୍ତୁ ପାଣି ଟୋପେ ପାଉ ନ ଥିବା ସହ କିଛି ଅଘଟଣ ଘଟିଲେ ଦାୟୀ କିଏ ହେବ ସାଧାରଣରେ ପ୍ରଶ୍ନ ଉଠିଛି। ଏହି କାର୍ଯ୍ୟକ୍ରମ କେବ ହେବ ଗୁଆମାଳ ପଞ୍ଚାୟତ ଅଧିକାରୀ ଅରୁଣ କୁମାର ପଣ୍ଡାଙ୍କୁ ପଚାରିବାରୁ କାର୍ଯ୍ୟ ହେବ ବୋଲି କହିଛନ୍ତି। ସେହିପରି ଏହି ଅଭିଯୋଗ ସମ୍ପର୍କରେ ବିଭାଗର ଅଧିକାରୀ ସୁଧାଂଶୁ ଶେଖର ନାୟକଙ୍କୁ ପଚାରିବାରୁ, ଏହି କାର୍ଯ୍ୟକ୍ରମର କୌଣସି କାର୍ଯ୍ୟାଦେଶ ହୋଇଥିବା ସେ ଜାଣି ନ ଥିବା କହିଛନ୍ତି। ଏହି ଅଭିଯୋଗ ସମ୍ପର୍କରେ ତିହିଡ଼ି ବ୍ଲକ୍ ବିଡିଓ ନିରଞ୍ଜନ ବାରିକଙ୍କୁ ଫୋନ୍ ଯୋଗେ ପଚାରିବାରୁ ଖୁବ୍‌ଶୀଘ୍ର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଯିବ ବୋଲି କହିଛନ୍ତି।



## ଟିଲୋ କପ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ: ଏସ୍‌ପିଜେ କାର୍ଗୋ ଓ ସିଏଜି ବିଜୟୀ

ବନ୍ତ/ଆଗରପଡ଼ା,୧୧।୩(ସମିସ): ବନ୍ତ ବ୍ଲକ୍ ଟିଲୋ ହନୁମାନଜୀଉ ମିନି ଷ୍ଟାଡିୟମ୍‌ରେ ଟିଲୋ ଆଥ୍‌ଲେଟିକ୍ ଆସୋସିଏସନ ଦ୍ୱାରା ଆୟୋଜିତ ୩୦ତମ ଅନ୍ତର୍ଜାତୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟର ବୁଧବାର ଆୟୋଜିତ ୨ଟି ମ୍ୟାଚ୍‌ରୁ ପ୍ରଥମ ମ୍ୟାଚ୍ ଏସ୍‌ପିଜେ କାର୍ଗୋ, ଦିଲ୍ଲୀ ଏବଂ ଏମ୍‌ଏଚ୍‌କେଏଲ୍, ବନାରସ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଦିଲ୍ଲୀ ପ୍ରଥମେ ବ୍ୟାଟିଂ କରି ଆରିୟନ ଚୋ÷ଧୁରୀଙ୍କ ୫୯, ବିବେକଙ୍କ ୫୧ ଓ ବିଶାଳଙ୍କ ୨୬ ରନ୍ ସହାୟତାରେ ନିର୍ଦ୍ଧାରିତ ୨୦ ଓଭରରେ ୬ ୱିକେଟ ବିନିମୟରେ ୧୯୬ ରନ୍ ସଂଗ୍ରହ କରିଥିଲା। ଜବାବରେ ବନାରସ ନିର୍ଦ୍ଧାରିତ ୨୦ ଓଭରରେ ସମସ୍ତ ୱିକେଟ ହରାଇ ମାତ୍ର ୮୯ ରନ୍ ସଂଗ୍ରହ କରିବାକୁ ସମର୍ଥ ହୋଇଥିଲା। ଦିଲ୍ଲୀର ରମେଶ ପ୍ରସାଦ ୪ ୱିକେଟ ଅକ୍ତିଆର କରି ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ସେହିପରି ୨ୟ ମ୍ୟାଚ୍‌ରେ ସିଏଜି, ଦିଲ୍ଲୀ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ସୁମିତ ମାଧୁରଙ୍କ ୪୪, କାର୍ତ୍ତିକ ବିଶ୍ୱାଳଙ୍କ ୩୨ ଓ ବେଦାନ୍ତ ଭରଙ୍କ ୩୩ ରନ୍ ସହାୟତାରେ ୬ ୱିକେଟ ବିନିମୟରେ ୧୮୯ ରନ୍ ସଂଗ୍ରହ କରିଥିଲା। ଜବାବରେ ଏନ୍‌ସିସି, ଓଡ଼ିଶା ୧୬.୩ ଓଭରରେ ସମସ୍ତ ୱିକେଟ ହରାଇ ୧୧୯ ରନ୍ ସଂଗ୍ରହ କରିବାକୁ ସମର୍ଥ ହୋଇଥିଲା। ଦଳ ପକ୍ଷରୁ ଆଦିତ୍ୟ ରାଉତ ୪୨ ରନ୍ କରିଥିଲେ। ସିଏଜି, ଦିଲ୍ଲୀର ସୁମିତ ମାଧୁର ୩ଟି ୱିକେଟ ଅକ୍ତିଆର କରି ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ଓସିଏ ପ୍ୟାନେଲ୍ ଅମ୍ପାୟାର ଲଲାଟ କେଶରୀ ନନ୍ଦ ଓ ବିଭୂ ପ୍ରସାଦ ମିଶ୍ର, ସୁଧାଂଶୁ ଶେଖର ଲେଙ୍କା ଓ ସତ୍ୟ ନାରାୟଣ ମ୍ୟାଚ୍ ପରିଚାଳନା କରିଥିବାବେଳେ ସ୍କୋରର ଦାୟିତ୍ୱ ସୌରଜିତ୍ ସାହୁ ନିର୍ବାହ କରିଥିଲେ। ଅତିଥି ଭାବେ ଅଲିମ୍ପିୟାନ ଦୂତି ଚାନ୍ଦ, ସ୍ୱାଇଁ ଓ ଟିଲୋ ପଞ୍ଚାୟତ ସରପଞ୍ଚ ସଂଗ୍ରାମ କେଶରୀ ଜେନା ପ୍ରମୁଖ ଯୋଗଦେଇଥିଲେ। ଟୁର୍ଣ୍ଣାମେଣ୍ଟ ପରିଚାଳନାରେ ଅଭିଜିତ୍ ପୁହାଣ, ଅଜିତ୍ ଧଳ, ରାଜେଶ ଖିଲାର, ଆଶୁତୋଷ ସାହୁ, ସୋମନାଥ ସାହୁ, ଶମ୍ଭୁନାଥ ସାହୁ, ଦୀପକ, ଶୁଭମ୍, ପ୍ରଜ୍ଞାନସୁ ନାଥ, ସୁବିତ୍ ଧଳ, ସୁବ୍ରତ ପୃଷ୍ଟି, ହିମାଂଶୁ ଶେଖର ବେହେରା, ଉଦୟ ବିଶ୍ୱାଳ, ମାଧବାନନ୍ଦ ବିଶ୍ୱାଳ ପ୍ରମୁଖ ସହଯୋଗ କରିଥିଲେ।




**ଆନ୍ତର୍ଜାତିକ ମହିଳା ଦିବସ**

## ସମ୍ବିଧାନ, ସାର୍ବଭୌମତ୍ୱ ଓ ନାରୀ ଅଧିକାର ସୁରକ୍ଷା ପାଇଁ ଆହ୍ୱାନ

ଭଦ୍ରକ,୧୧।୩(ସମିସ): ଆନ୍ତର୍ଜାତିକ ମହିଳା ଦିବସ ଅବସରରେ ଅଖିଳ ଭାରତ ଗଣତାନ୍ତ୍ରିକ ମହିଳା ସମିତି ତରଫରୁ ସ୍ଥାନୀୟ ଷ୍ଟେଟ୍ ବ୍ୟାଙ୍କ ସମ୍ମୁଖରେ ଏକ ସାଧାରଣ ସଭା ମମତା ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଏହି ସଭାରେ ଅଖିଳ ଭାରତ ଗଣତାନ୍ତ୍ରିକ ମହିଳା ସମିତିର ରାଜ୍ୟ ସାଧାରଣ ସମ୍ପାଦିକା ସୁରଜିତା ନାୟକ ବିଶ୍ୱ ମହିଳା ଦିବସର ଗରିମା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ମହିଳାମାନଙ୍କ ଅଧିକାର ସୁରକ୍ଷା ଓ ନ୍ୟାୟିକ ସୁରକ୍ଷା ପାଇଁ ଆମ ଦେଶର ସମ୍ବିଧାନକୁ ସୁରକ୍ଷା ପାଇଁ ନାରୀ, ପୁରୁଷ ଏକତ୍ରିତ ହେବା ପାଇଁ ନିବେଦନ କରିଥିଲେ। ସାମ୍ପ୍ରତିକ ସମୟରେ ଆମ ଦେଶର ସମ୍ବିଧାନ, ଗଣତନ୍ତ୍ର ଓ ସାର୍ବଭୌମତ୍ୱ ସୁରକ୍ଷା, ମହିଳା ଓ ପୁରୁଷମାନଙ୍କର ସମାନ ଅଧିକାର ପାଇଁ ସଂଗ୍ରାମ ଓ ଲିଙ୍ଗଗତ ବୈଷମ୍ୟ ବିରୋଧରେ ଲଢ଼େଇ କରିବା। ଜୀବନଜୀବିକା ଅଧିକାର ଉପରେ ହେଉଥିବା ଅତ୍ୟାଚାରକୁ ପ୍ରତିହତ କରିବା ତଥା ଏକ ବିକଳ୍ପ ବ୍ୟବସ୍ଥା ପାଇଁ ସଂଗ୍ରାମ, ସମସ୍ତ ମହିଳା ଶ୍ରମଜୀବୀଙ୍କୁ ସମାନ ମଜୁରୀ ପ୍ରଦାନ, ମହିଳାମାନଙ୍କ ପରିଶ୍ରମକୁ ସ୍ୱୀକୃତି ଦେବା ଓ ସମସ୍ତ ସ୍କିମ୍ ଶ୍ରମିକମାନଙ୍କୁ ସ୍ଥାୟୀ ଶ୍ରମିକର ମାନ୍ୟତା ଦେବା ପାଇଁ ଦାବି କରି ବକ୍ତବ୍ୟ ରଖିଥିଲେ ଶ୍ରମିକ ନେତା ଦିବ୍ୟସିଂହ ନାୟକ, ପ୍ରଫୁଲ୍ଲ ପାଢ଼ୀ, ଚନ୍ଦ୍ରଶେଖର ନାୟକ, ଗିରିଧାରୀ ନାଥ, ନିଶା ନିବାରଣ ନେତ୍ରୀ ଅପର୍ଣ୍ଣା ନାୟକ, ବରିଷ୍ଠ ନାଗରିକ ତଥା ଲଲାଟେନ୍ଦୁ ମହାନ୍ତି, କୃଷକ ନେତା ପ୍ରଫେସର ପ୍ରଭାସ ଚନ୍ଦ୍ର ମହାପାତ୍ର, ମଳୟ ଭୋଇ, କାମିନୀ ଭୋଇ, ସିଆଇଟିୟୁ ଭଦ୍ରକ ଜିଲ୍ଲା ସମ୍ପାଦକ କାଳନ୍ଦୀ, ଶିଖା ମହାପାତ୍ର, ଶାନ୍ତିଲତା ନାୟକ, ସୁମତି ନାୟକ, ବୀଣାପାଣି ଦାଶ, ପ୍ରଣତି ମଲ୍ଲିକ, ଗୌରୀ ଶତପଥୀ, ମଞ୍ଜୁଲତା ନାୟକ ପ୍ରମୁଖ। ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ମହିଳା ସମିତିର ସମ୍ପାଦିକା ପ୍ରଭାତୀ ଜେନା।




# ନିମ୍ନମାନର ଛତୁଆ ଯୋଗାଣ ଅଭିଯୋଗ

ଅସୁରାଳି,୧୧।୩(ସମିସ)

ଧାମନଗର ବ୍ଲକ୍ ଅଧୀନ ବିଭିନ୍ନ ପଞ୍ଚାୟତର ଅଙ୍ଗନବାଡ଼ି କେନ୍ଦ୍ରଗୁଡ଼ିକରେ ଦିଆଯାଉଥିବା ଛତୁଆ ନିମ୍ନମାନର ବୋଲି ଅଭିଯୋଗ ହେଉଛି। ଛତୁଆରେ ଆବଶ୍ୟକ ପରିମାଣରେ ବୁଟ, ବାଦାମ, ଗହମ ଇତ୍ୟାଦି ମିଶାଯାଉନି। ଯାହା ମିଶାଯାଉଛି, ସେଗୁଡ଼ିକର ମାନ ଅତ୍ୟନ୍ତ ଖରାପ ରହୁଛି। ଛତୁଆରୁ ଦୁର୍ଗନ୍ଧ ବାହାରୁଛି। ତେଣୁ ସେଗୁଡ଼ିକୁ ଗୃହପାଳିତ ପଶୁଙ୍କୁ ଖାଇବାକୁ ଦିଆଯାଉଛି। ଶିଶୁମାନଙ୍କ ଶାରୀରିକ ଓ ମାନସିକ ବିକାଶ ପାଇଁ ଛତୁଆ ଖାଇବାକୁ ଦିଆଯାଉଥିବାବେଳେ ତାହା ବାସ୍ତବରେ ସେମାନଙ୍କ ବିକାଶ ନ କରି ବିନାଶ କରିବ ବୋଲି ଅଭିଭାବକମାନେ ଆଶଙ୍କା ପ୍ରକାଶ କରିଛନ୍ତି। ଏ ନେଇ ସେମାନେ ଅଭିଯୋଗ କଲେ ଅଙ୍ଗନବାଡ଼ି କର୍ମୀ ଅସହାୟତା ପ୍ରକାଶ କରୁଛନ୍ତି। ସେମାନେ କହୁଛନ୍ତି, କେନ୍ଦ୍ରକୁ ଯେଉଁ ଛତୁଆ ଯୋଗାଯାଉଛି, ଶିଶୁଙ୍କୁ ତାହା ଦିଆଯାଉଛି। ଯାହା ଜଣାପଡ଼ିଛି, ଟେଣ୍ଡର ନେଇଥିବା ସଂସ୍ଥାଗୁଡ଼ିକ ଅପମିଶ୍ରଣ ଷ୍ଟକ୍ ଯାଞ୍ଚ୍ ହେଉନି। ଯାହା ଅପମିଶ୍ରଣକୁ ପ୍ରୋତ୍ସାହିତ କରୁଛି ବୋଲି କୁହାଯାଉଛି। ଏହି ଛତୁଆ ପ୍ରସ୍ତୁତକାରୀ ସଂସ୍ଥା ଆଇଡିଆଲ୍ ସଂସ୍ଥା ଦୀର୍ଘଦିନ ଧରି ଧାମନଗର ସାରା ଛତୁଆ ଯୋଗାଣ କରୁଥିଲା। ବାରମ୍ବାର ଅଭିଯୋଗ ହେଲାପରେ ପ୍ରଶାସନ ଆଉ ଗୋଟିଏ ସଂସ୍ଥା କମାର ବନ୍ଧ ଏସ୍‌ଏଚ୍‌ଜିକୁ ଛତୁଆ ତିଆରି କରି ଯୋଗାଇବା ପାଇଁ ୨ମାସ ହେବ ଚିଠି କରିଥିଲେ। କିନ୍ତୁ ଏଯାଏଁ ସେଠାରେ ଛତୁଆ ପ୍ରସ୍ତୁତି ନ ହୋଇ ସେହି ଆଇଡିଆଲ୍ ସଂସ୍ଥା (ବମକୁରା) ଛତୁଆ ଯୋଗାଉଛି। ଏଠି ପ୍ରଶ୍ନ ଉଠୁଛି ଯେ, ୨ ମାସ ହେଲା ନୂଆ ସଂସ୍ଥାକୁ ଛତୁଆ ଯୋଗାଇବା ପାଇଁ ନିର୍ଦ୍ଦେଶ ଥିଲେ ମଧ୍ୟ କାହିଁକି ଆଇଡିଆଲ୍ ସଂସ୍ଥା ଯୋଗାଉଛି ତାହା ଜଣାପଡୁନାହିଁ। ଆଇଡିଆଲ୍ ସଂସ୍ଥା ଯେଉଁ ଛତୁଆ ଯୋଗାଉଛି ସେ ଛତୁଆ ଶିଶୁ ଖାଦ୍ୟ ପାଇଁ ଅନୁପଯୁକ୍ତ। ପ୍ୟାକେଟ୍ ଉପରେ ପ୍ରସ୍ତୁତ ତାରିଖ ଆଉ ଏକ୍ସପାୟରୀ ତାରିଖ କିଛି ମଧ୍ୟ ଜଣାପଡୁନାହିଁ। ସବୁ ଜାଣି ଅଧିକାରୀମାନେ ଚୁପ୍ ରହୁଥିବା ଜଣାପଡୁଛି। ସେଥିପାଇଁ ଅପମିଶ୍ରଣକୁ ପ୍ରୋତ୍ସାହିତ କରୁଛି ବୋଲି କୁହାଯାଉଛି। ଏ ନେଇ ବିଭାଗୀୟ ଅଧିକାରୀମାନେ ଚୁପ୍ ହୋଇ ବସିଛନ୍ତି। ସିଡିପିଓଙ୍କ ଭୂମିକା ନେଇ ମଧ୍ୟ ସନ୍ଦେହ ପ୍ରକାଶ ପାଉଛି। ତୁରନ୍ତ ଏଥିପ୍ରତି କାର୍ଯ୍ୟାନୁଷ୍ଠାନ ନେବାକୁ ବିଭିନ୍ନ ମହଲରେ ଦାବି ହେଉଛି। ଏ ବାବଦରେ ସିଡିପିଓ ଦମୟନ୍ତୀ ଦେଇଙ୍କୁ ପଚାରିବାରୁ ସେ କହିଲେ ଆମେ ୨ମାସ ହେବ ନୂତନ ଛତୁଆ ପ୍ରସ୍ତୁତକାରୀ ସଂସ୍ଥାକୁ ଚିଠି କରିଲେ ମଧ୍ୟ ସେମାନେ ସେଠାରେ ଛତୁଆ ପ୍ରସ୍ତୁତ କରୁନାହାନ୍ତି। ସେମାନେ ସେହି ପୁରୁଣା ସଂସ୍ଥାରୁ ଛତୁଆ ଆଣି ବଣ୍ଟନ କରୁଛନ୍ତି। ଛତୁଆକୁ ନେଇ ଆମେ ଯାଞ୍ଚ୍ କରିବୁ, ଯଦି ନିମ୍ନମାନର ଜଣାଯାଏ ତାହେଲେ ତାଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।




**ଅବ୍ୟବସ୍ଥାରେ ଗୁଆମାଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର**

## ନାହାନ୍ତି ଡାକ୍ତର କି ଫାର୍ମାସିଷ୍ଟ; ରୋଗୀ ସେବା ବ୍ୟାଘାତ

ଦୋଳସାହି,୧୧।୩(ସମିସ): ତିହିଡ଼ି ବ୍ଲକ୍ ଅଧୀନ ଗୁଆମାଳ ପଞ୍ଚାୟତସ୍ଥିତ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ବିଭିନ୍ନ ବିଭାଗରେ ବିଭିନ୍ନ ପଦ ଖାଲି ପଡ଼ିଥିବାବେଳେ ଡାକ୍ତର କି ଫାର୍ମାସିଷ୍ଟ ନ ଥିବାରୁ ରୋଗୀ ସେବାରେ ବ୍ୟାଘାତ ଘଟୁଛି। ଫଳରେ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି।

ସୂଚନା ମୁତାବକ, ଗୁଆମାଳ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଉପରେ ଆଖପାଖ ୪/୫ଟି ପଞ୍ଚାୟତର ହଜାର ହଜାର ରୋଗୀ ନିର୍ଭରଶୀଳ। ଏହି ଡାକ୍ତରଖାନାରେ ବିଭିନ୍ନ ପଦ ପଦବୀ ଅଭାବ ଥିବା ନେଇ ବହୁବାର ଦାବି ହେବା ସହ ଦୈନିକ "ସକାଳ'ରେ ମଧ୍ୟ ଖବର ପ୍ରକାଶ ପାଇଥିଲା। ଖବର ପ୍ରକାଶ ପାଇବା ପରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଏହି ସମସ୍ତ ପଦ ପୂରଣ କରାଯାଇଥିଲା। ତେବେ ଏବେ ରାଜନୈତିକ ଆକ୍ରୋଶରୁ ଏହି ସମସ୍ତ ପଦ ପୁଣି ଖାଲି ପଡ଼ିଥିବା ନେଇ ସାଧାରଣରେ ତଥା ବୁଦ୍ଧିଜୀବୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ଏହି ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ଜଣେ ଡାକ୍ତର, ଜଣେ ଫାର୍ମାସିଷ୍ଟ, ୩ ଜଣ ଷ୍ଟାଫ୍ ନର୍ସ ଓ ଲେଡି ହେଲ୍‌ଥ ଭିଜିଟର ପଦ ଖାଲି ପଡ଼ିଛି। ଏ ଦିଗରେ ଜିଲ୍ଲା ପ୍ରଶାସନ ଓ ସ୍ୱାସ୍ଥ୍ୟ ବିଭାଗ ଗୁରୁତ୍ୱ ଦେଇ ତୁରନ୍ତ ଏହି ସମସ୍ତ ପଦ ପୂରଣ ପାଇଁ ଦାବି ହେଉଛି।



